ନବଗୁଞ୍ଜର

ଜଗନ୍ନାଥ ପ୍ରସାଦ ଦାସ

ନବଗୁଞ୍ଜର

ଏକ ଆଂଶିକ ଉପନ୍ୟାସ

Digitized by srujanika@gmail.com

ନବଗୁଞ୍ଜର

ଏକ ଆଂଶିକ ଉପନ୍ୟାସ

ଜଗନ୍ନାଥ ପ୍ରସାଦ ଦାସ

Digitized by srujanika@gmail.com

ନବଗୁଞ୍ଜର

ଏକ ଆଂଶିକ ଉପନ୍ୟାସ

ଜଗନ୍ନାଥ ପ୍ରସାଦ ଦାସ

© ୨୦୨୩

ପ୍ରକାଶକ: କେତକୀ ଫାଉଣ୍ଡେସନ୍ ଟ୍ରଷ୍ଟ
ଏନ୍-୪/୨୫୨, ଆଇ.ଆର୍.ସି. ଭିଲେଜ୍, ନୟାପଲ୍ଲୀ
ଭୁବନେଶ୍ୱର ୭୫୧୦୧୫ .

ଅଙ୍ଗସଜ୍ଜା: ଜ୍ୟୋତିରଞ୍ଜନ ସ୍ୱାଇଁ

NAVAGUNJARA

Jagannath Prasad Das

© 2023

Publisher: Ketaki Foundation Trust
N4/252, IRC Village, Nayapalli
Bhubaneswar 751015, Odisha
e-mail: ketakifoundationtrust@gmail.com
www.ketakifoundation.org

Design: Jyotiranjan Swain

Print & Production :
Third Eye Communications, Bhubaneswar
(A unit of Ketaki Enterprises Pvt. Ltd.)

Printed at: Thomson Press (India) Ltd.

ISBN: 978-81-958050-7-5

Price: INR 120 USD 10

'*Navagunjara*' for cover and drawings by Chitrakar Jyotiranjan Sahoo

MIX
Paper from
responsible sources
FSC® C010615

E-book available

Digitized by srujanika@gmail.com



Digitized by srujanika@gmail.com

୧

Digitized by srujanika@gmail.com

ଫଟୋ: ଦୀପକ୍ ସାମନ୍ତରାୟ, ୧୯୮୯

Digitized by srujanika@gmail.com

ଶୁକପକ୍ଷୀ ପ୍ରଶ୍ନ

ପଞ୍ଜୁରୀର ଖୋଲା ଦରଜା ଦେଇ
ପକ୍ଷୀଟି ବାହାରକୁ ଆସି ଦୁଇଥର ଡେଣା
ଝାଡ଼ିଲା ଏବଂ ବେକକୁ ଭାଙ୍ଗି ତା ଆଡ଼କୁ
ସିଧାସଳଖ ଅନାଇଲା । ତାର ଡେଣା
ଅଦ୍‌ଭୁତ ଶୁଆପକ୍ଷିଆ ରଙ୍ଗର ଥିଲା; ତାର
ଥଣ୍ଟଟି ଥିଲା ଶାସ୍ତ୍ରୀୟ ନର୍ତ୍ତକୀମାନେ
ବୃଦ୍ଧାଙ୍ଗୁଳି ଓ ତର୍ଜନୀର ସଂଯୋଜନାରେ
ଶୁକ ଚଞ୍ଚୁର ଯେଉଁ ମୁଦ୍ରା ତିଆରି କରନ୍ତି
ସେଇଭଳି । ସବୁ ମିଶି ମନେ ହେଉଥିଲା
ଯେପରି ଏ ଗୋଟିଏ ଶୁଆ ନଥିଲା,
ଏଇଟି ଥିଲା ଯଥାଯୋଗ୍ୟ ବେଶଭୂଷା
ପିନ୍ଧି ଶୁଆର ଅଭିନୟ କରିବା ପାଇଁ
ରଙ୍ଗମଞ୍ଚକୁ ଓହ୍ଲାଇ ଆସିଥିବା ଅନ୍ୟ

ପଞ୍ଜୁରୀର ଖୋଲା ଦରଜା

Digitized by srujanika@gmail.com

କୌଣସି ପକ୍ଷୀ। ଔଦ୍ଧତ୍ୟର ସହିତ ପକ୍ଷୀ ଯେତେବେଳେ ଉପରକୁ ମୁହଁ ଉଠାଇଲା, ତାର ଆଶଙ୍କା ହେଲା ବୋଧହୁଏ ପକ୍ଷୀଟି ବର୍ତ୍ତମାନ କୁକୁଡ଼ା ଭଳି ରାବିବ। କିନ୍ତୁ ଏପରି କିଛି ହେଲାନାହିଁ। ପଞ୍ଜୁରୀରୁ ଯେଉଁ ଛୋଟ ସିଡ଼ିଟି ତଳକୁ ଲମ୍ବି ଯାଇଥିଲା, ତାର ପାହାଚ ଉପରେ ସତର୍କ ପାଦ ରଖି ଶୁଆଟି ତଳେ ପଡ଼ିଥିବା ଶୀତଳପଟି ଉପରକୁ ଓହ୍ଲାଇଲା ଜଣେ ସଫଳ ଅଭିନେତାର ଗାମ୍ଭୀର୍ଯ୍ୟ ନେଇ।

ସଫଳ ଅଭିନେତାର ଗାମ୍ଭୀର୍ଯ୍ୟ

ଜିଷ୍ଣୁ ଏଥରକ ତାର ଠିକ ସାମନାରେ ଶୀତଳପଟି ଉପରେ ବସିଥିବା ଲୋକଟି ଆଡ଼କୁ ଅନାଇଲା। ତ୍ରିପଣ୍ଡ କଳା, ଖର୍ବକାୟ, ଛୋଟ ଧୋତି ଅଧା କମିଜ ଓ ଅନ୍ଧ ବାଳ ପିନ୍ଧି ଥିବା କଦାକାର ଲୋକଟି ପଦ୍ମାସନରେ ବସିଥିଲା ଏବଂ ତାର ମୁଖଭଙ୍ଗୀ ଥିଲା ସମ୍ପୂର୍ଣ୍ଣ ଆବେଗ ରହିତ। ସେ ପକ୍ଷୀଟି ଆଡ଼କୁ ଅନାଇ ତାର ଦୃଷ୍ଟି ଆକର୍ଷଣ

Digitized by srujanika@gmail.com

କରିବାକୁ ଚେଷ୍ଟା କରୁଥିଲା, କିନ୍ତୁ ପକ୍ଷୀ ବର୍ତ୍ତମାନ ନିଜର ଭୂମିକାରେ ତଲ୍ଲୀନ ଥିଲା ଏବଂ କାହାରି ଆଡ଼କୁ ଅନାଉ ନଥିଲା।

ଶୀତଳପଟିର ଭୂଖଣ୍ଡ

ଶୀତଳପଟିର ଭୂଖଣ୍ଡର ତୃତୀୟ ଦର୍ଶନୀୟ ବସ୍ତୁଟି ଥିଲା ଲୋକଟିର ଡାହାଣ ପାଖେ ଡେରା ହୋଇ ରହିଥିବା ବିଜ୍ଞପ୍ତି ପଟା। କଳାପଟା ଉପରେ ଅସମାନ ବଙ୍କାଟଙ୍କା ଧଳା ଅକ୍ଷରରେ ଲେଖା ହୋଇଥିଲା; ପଣ୍ଡିତ ଭାଗ୍ୟଧର। ତା ତଳକୁ ଶୁଆ ଭଳି ଗୋଟିଏ ପକ୍ଷୀ ଏବଂ ଅତ୍ୟନ୍ତ ଅନୁପାତବିହୀନ ସିଡ଼ିର କଳାଧଳା ଚିତ୍ର ଥିଲା ଏବଂ ଉପରେ ବଡ଼ ହରଫରେ ଲେଖା ଥିଲା: ଶୁକପକ୍ଷୀ ପ୍ରଶ୍ନ। ଏ ପଟାଟିର ସନ୍ଦେଶ ନିଶ୍ଚୟ ପ୍ରଭାବଶାଳୀ ଥିଲା ଏବଂ ଶୀତଳପଟିର ପୃଥିବୀଟି ଚିତ୍ତାକର୍ଷକ, କାରଣ କିଛି ଲୋକ ଉପରବେଳାର ଚାଇଁ ଖରାକୁ ନ ମାନି ବିନା ପ୍ରୟୋଜନରେ ତାକୁ ଘେରି ବସି ରହିଥିଲେ। ସମ୍ପୂର୍ଣ୍ଣ ଦୃଶ୍ୟଟି ଦେଖା

Digitized by srujanika@gmail.com

ଯାଉଥିଲା କୌଣସି ଅସଙ୍ଗତ ନାଟକର ସ୍ଥିରଚିତ୍ର ଭଳି ।

ଏହି କଳାକୁଞ୍ଜର ନିର୍ଜୀବତା ଭଙ୍ଗ କରି ଲୋକଟି ହାତ ବଢ଼ାଇ ଶୁଆଟିକୁ ଆଉଁଶିଲା ଏବଂ ହାତରେ ଧରିଥିବା ଦାନାଟି ଶୁଆ ମୁହଁରେ ଦେଲା ।

ଅସଙ୍ଗତ ନାଟକର ସ୍ଥିର ଚିତ୍ର

ପକେଟ ଭିତରୁ ସିଗାରେଟ ବାହାର କରି ତାକୁ ଓଠରେ ଲଗାଇ ସେଥିରେ ଡିଆସିଲ ଧରାଇବାକୁ ଯେତିକି ଉଦ୍ୟମ ଦରକାର ହେବ, ଦି କଳ ଧୂଆଁରୁ ସେହି ଅନୁତାପରେ ଆନନ୍ଦ ମିଳିବ କି ନାହିଁ, ଜିଷ୍ଣୁ ମନେ ମନେ ତାର ଏକ ତୁଳନାତ୍ମକ ଅଧ୍ୟୟନ କଲା । ଏଥିରେ ଧୂମପାନ ବିରୋଧୀ ମତବାଦର ଜୟ ହେଲା । ସୁଟ୍‌କେସ୍‌ଟି ଯେପରି ଭାଙ୍ଗି ନଯାଏ ସେଥିପ୍ରତି ଲକ୍ଷ୍ୟ ରଖି ଜିଷ୍ଣୁ ତା ଉପରେ ନିଜର ଆସନ ବଦଳାଇଲା ଏବଂ ଆଖି ବୁଲାଇ ସର୍ବେକ୍ଷଣ କଲା ଅନ୍ୟ କେଉଁ ଛାଇ ଜାଗାକୁ ଯାଇ ବସି ହେବ କି ନାହିଁ । ବର୍ତ୍ତମାନ ଛାଇ ଶୀଘ୍ର

Digitized by srujanika@gmail.com

ଶୀଘ୍ର ଘୁଞ୍ଚିଯାଉଥିଲା ଏବଂ କିଛି ସମୟ ପୂର୍ବେ ସେ ପୂରାପୂରି ଛାଇ ତଳେ ବସିଥିବାବେଳେ ବର୍ତ୍ତମାନ ତା ଚାରିପାଖେ ଖରା ଥିଲା। ସେ ଏ କଥା ମଧ୍ୟ ଲକ୍ଷ୍ୟ କଲା ଯେ ସୂର୍ଯ୍ୟର ଗତିବିଧିକୁ ଆଖି ଆଗରେ ରଖି ଶୀତଳପଟିଟି ଗଛ ତଳେ ଏପରି ଭାବରେ ପକା ଯାଇଥିଲା ଯେପରିକି ଦିନର ସବୁଠାରୁ ବେଶି ସମୟର ଛାଇ ତା ଉପରେ ରହିବ।

ବେଶି ସମୟର ଛାଇ

ମୁଣ୍ଡ ଉପରର ଖରା, କ୍ଳାନ୍ତି, ସୁଟ୍‌କେସ୍‌ର ଅସ୍ୱସ୍ତିକର ଆସନ ଏବଂ ସର୍ବୋପରି ଏଇ ମୁହୂର୍ତ୍ତରେ ଜୀବନ ପ୍ରତି ସମ୍ପୂର୍ଣ୍ଣ ବିରାଗ ଓ ବିରକ୍ତି ସତ୍ତ୍ୱେ ଆଖିପତାକୁ ନିଦ ଆସୁଥିଲା ଏବଂ ଜିଷ୍ଣୁ ଭାବିଲା ହୁଏ ତ ସମୟ କଟାଇବା ଏବଂ ସଜାଗ ରହିବା ପାଇଁ ସହାୟତା ନିଆ ଯାଇପାରେ ଶୁକପକ୍ଷୀ ପ୍ରଶ୍ନର, ସେ ଯାହା ହୋଇଥାଉ ନା କାହିଁକି। ସେ ଶୀତଳପଟି ଆଡ଼କୁ ଆଖି ଉଠାଇ ଦେଖିଲା ଯେ ଉଭୟ ଶୁଆ ଓ ତାର ମାଲିକ ଏକ ଦୃଷ୍ଟିରେ ତା ଆଡ଼କୁ ଅନାଇଛନ୍ତି,

Digitized by srujanika@gmail.com

ଯେପରିକି ତାର ମନ ଭିତରର କଥା ସେମାନଙ୍କୁ ଜଣା। ଜିଷ୍ଣୁ ବୁଝିଲା ଯେ କୌଣସି ବାକ୍ୟ ବିନିମୟ ବିନା ପଣ୍ଡିତ ଭାଗ୍ୟଧର ଓ ତା ଭିତରେ ଏକ ଅବ୍ୟକ୍ତ ବାଣିଜ୍ୟିକ ଚୁକ୍ତି ହୋଇ ଯାଇଛି ଏବଂ ସେ ବର୍ତ୍ତମାନ ପଣ୍ଡିତଙ୍କର ଜଣେ ଚିହ୍ନରା ଗ୍ରାହକ। ଚାରିପାଖରେ ବସି ରହିଥିବା ଲୋକମାନଙ୍କ ଭିତରେ ମଧ୍ୟ ଯେପରି ଏହି ଖବରଟି ପହଞ୍ଚି ଯାଇଥିଲା, କାରଣ ସମସ୍ତ ବାୟୁମଣ୍ଡଳ ବର୍ତ୍ତମାନ ସଜୀବ ଓ ଉଚ୍ଛ୍ୱସିତ ହୋଇ ଉଠିଥିଲା।

ଅବ୍ୟକ୍ତ ବାଣିଜ୍ୟିକ ଚୁକ୍ତି

ପଣ୍ଡିତ ଭାଗ୍ୟଧର ଶୁଆକୁ ଆଉ ଗୋଟିଏ ଦାନା ବଢ଼ାଇଲେ, କିନ୍ତୁ ମୁହଁ ବୁଲାଇ ଶୁଆ ସେ ଦାନାଟି ନେବାକୁ ମନା କରିଦେଲା ଯେପରିକି ସେ ତାର ଏକନିଷ୍ଠ କର୍ତ୍ତବ୍ୟ ସାଧନରେ କୌଣସି ବିଘ୍ନ ଚାହେଁ ନାହିଁ। ଅଭ୍ୟସ୍ତ ଓ ବଦ୍ଧପରିକର ପାଦ ପକାଇ ସେ ଶୀତଳପଟିର ଆଉ ଗୋଟିଏ ଧାରକୁ ଗଲା। ସେଠାରେ ଧାଡ଼ି ଧାଡ଼ି ହୋଇ ଅନେକ ଗୁଡ଼ିଏ ଲଫାପା ରହିଥିଲା,

Digitized by srujanika@gmail.com

ଯାହା ଆଗରୁ ଜିଷ୍ଣୁର ଆଖିରେ ପଡ଼ି ନଥିଲା । ଶୁଆ ଆତ୍ମବିଶ୍ୱାସର ସହିତ ଲଫାପା ପାଖରେ ଛିଡ଼ା ହୋଇ ବାହାବା ନେବା ଭଙ୍ଗୀରେ ଦର୍ଶକମଣ୍ଡଳୀଙ୍କ ଆଡ଼କୁ ଅନାଇଲା ଏବଂ ସେମାନଙ୍କ ଭିତରେ ଏକ ମୃଦୁ ଗୁଞ୍ଜନ ହେଲା । ଶୁଆ ଏଥରକ ପ୍ରଥମ ଲଫାପାଟିର ଆହୁରି ପାଖକୁ ଘୁଞ୍ଚିଗଲା ଏବଂ ତାକୁ ତୀକ୍ଷ୍ଣ ଦୃଷ୍ଟିରେ ଅନାଇଲା । ଦର୍ଶକ ଗ୍ୟାଲେରୀର ସ୍ୱର ଶବ୍ଦ ଆହୁରି ଗୋଟିଏ ଧାପ ଉପରକୁ ଉଠିଲା । ଶୁଆ ଲଫାପାଟିକୁ ଖୁମ୍ପିଲା, ବେକକୁ ଭାଙ୍ଗି ତାର ଆକଳନ କଲା ଏବଂ ମୁଣ୍ଡକୁ ନାସ୍ତି ସୂଚକ ହଲାଇ ଦ୍ୱିତୀୟ ଲଫାପା ପାଖକୁ ଗଲା ।

ଶ୍ୱାସରୁଦ୍ଧ ଦର୍ଶକମାନେ ଏକ ସମବେତ ନିଶ୍ୱାସ ନେଲେ ।

ସମବେତ ନିଶ୍ୱାସ

କୌଣସି ଅଧୀରତା ବିନା ଶୁଆ ବିଭିନ୍ନ ଲଫାପାମାନଙ୍କ ପାଖକୁ ଯାଇ ସେଥିରେ ବନ୍ଦ ରହିଥିବା ସନ୍ଦେଶମାନଙ୍କର ଏକ ତାତ୍ତ୍ୱିକ ବିଶ୍ଳେଷଣ

Digitized by srujanika@gmail.com

ଭାଗ୍ୟ ବନ୍ଦ ପତ୍ରପୁଟକ

କଲା ଏବଂ ଶେଷରେ ଯେତେବେଳେ ସେ ଥଣ୍ଟରେ ପଞ୍ଚମ ଲଫାପାଟିକୁ ଉଠାଇଲା, ଆଖପାଖରେ ଏକ ଆନନ୍ଦର ଲହରୀ ଖେଳିଗଲା ଏବଂ ଦର୍ଶକମଣ୍ଡଳୀ ଆଉ ଟିକିଏ ପାଖକୁ ଘୁଞ୍ଚି ଆସିଲେ। ପଣ୍ଡିତ ଭାଗ୍ୟଧର ଶୁଆଟିକୁ ଆଉଁଶି ତା ଥଣ୍ଟରୁ ଲଫାପାଟିକୁ ନେଲେ ଏବଂ ଏଥରକ ଶୁଆ ତାଙ୍କ ହାତରୁ ଦାନାଟି ନେବାକୁ ମନା କଲା ନାହିଁ। ସମସ୍ତଙ୍କ ଆଖି ବର୍ତ୍ତମାନ ପଣ୍ଡିତଙ୍କ ହାତରେ ଶୋଭା ପାଉଥିବା ଭାଗ୍ୟ ବନ୍ଦ ପତ୍ରପୁଟକ ଉପରେ ଥିଲା ଏବଂ ଶୁଆର ସିଡ଼ିରେ ଉଠି ନିଜର ପଞ୍ଜୁରୀକୁ ଫେରି ତାର ଦରଜାକୁ ବନ୍ଦ କରିଦେବା କାହାରି ଦୃଷ୍ଟିରେ ପଡ଼ିଲା ନାହିଁ।

ଯଥାସମ୍ଭବ ଦେଖଣାହାରୀଙ୍କ ଉତ୍କଣ୍ଠାକୁ ବଜାୟ ରଖି ପଣ୍ଡିତ ଭାଗ୍ୟଧର ଧୀରେ ଧୀରେ ଲଫାପାଟିକୁ ଖୋଲି ତା ଭିତରୁ ଚଉତା ହୋଇଥିବା କାଗଜଟିକୁ ନେଇ ହାତରେ ଧରିଲେ। ଏଥରକ ସେ ନିଜର ଚଷମାଟିକୁ ଖୋଜିଲେ। ଏ

Digitized by srujanika@gmail.com

ପର୍ବଟି ଯେପରି ଜନସାଧାରଣଙ୍କର କୌତୂହଳ ବଢ଼ାଇବା ପାଇଁ ସୁପରିକଳ୍ପିତ ଥିଲା, କାରଣ ଚଷମାଟି ତାଙ୍କର ଛାତି ପକେଟ ଭିତରେ ହିଁ ଥିଲା। ତାକୁ ନାକ ଉପରେ ରଖି, ତାର ସୂତାକୁ କାନରେ ଗୁଡ଼ାଇ ଭାଗ୍ୟଧର କାଗଜଟିକୁ ଖୋଲିଲେ ଏବଂ କହିଲେ, ସଂଖ୍ୟା ହେଉଛି ନଅ।

ସଂଖ୍ୟା ହେଉଛି ନଅ

କିନ୍ତୁ ଏପର୍ଯ୍ୟନ୍ତ ଏହି ସୁଆଙ୍ଗଟିକୁ ନିର୍ଲିପ୍ତ ଭାବରେ ଦେଖୁଥିଲା ଆଖି ଲାଗିଯିବା ଏବଂ ଖୋଲିବାର ସବିରାମ କ୍ରମରେ। ପଣ୍ଡିତ ଭାଗ୍ୟଧରଙ୍କ ଘୋଷଣାର ଛାଇନିଦ ଭିତରୁ ବାହାରି ଆସି କହିଲା, ତୁ କେମିତି ଜାଣିଲୁ ବେ ଶଳା ?

ନିଜର ଏଇ କଥା କେତେ ପଦ କାନରେ ବାଜିବା ମାତ୍ରେ ଜିଷ୍ଣୁ ସମ୍ପୂର୍ଣ୍ଣ ଭାବେ ସଜାଗ ହୋଇଗଲା

Digitized by srujanika@gmail.com

ଏବଂ ନିଜକୁ ଧିକ୍କାର କଲା ଏ ଭଳି
କଥା ତା ମୁହଁକୁ ଆସି ଥିବାରୁ। ସେ
କେତେ ଯୁଗରୁ ଏଭଳି କଥା ବ୍ୟବହାର
କରି ନଥିଲା କାହାରି ପାଇଁ। ତାର ମନ
ଅନୁଶୋଚନାରେ ଭରିଗଲା; ବାର
ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଗଲା
ଭଳି ମନେ ହେଲା। ତା ମନକୁ କାହିଁକି
ଏ ଭଳି କଥା ଆସିଲା, ସେ ଭାବିଲା।
ଏଠାରେ ତଳେ ମାଟି ଉପରେ
ମଫସଲିଆ ମଳିମୁଣ୍ଡିଆ ଲୋକଙ୍କ
ଭିତରେ ନିଜକୁ ପଣ୍ଡିତ କହୁଥିବା କିନ୍ତୁ
ନିତାନ୍ତ କୁଲି ମଜୁରିଆ ଭଳି ଦେଖା
ଯାଉଥିବା ଲୋକଟିକୁ ଦେଖି ତାର

ବଡ଼ପଣିଆର ଆଭିଜାତ୍ୟ

ବଡ଼ପଣିଆର ଆଭିଜାତ୍ୟ ବୋଧହୁଏ
ନିଜକୁ ପ୍ରତିଷ୍ଠା କଲା ଏଇ କେତୋଟି
ଅଶ୍ଳୀଳ ଶବ୍ଦରେ। ମନ ଭିତରେ ଏପରି
ଗଭୀର ସନ୍ତାପରେ ଭାଙ୍ଗି ପଡୁଥିବା
ବେଳେ ସେ ଆଗକୁ ଅନାଇଲା, କିନ୍ତୁ
ପଣ୍ଡିତ ଭାଗ୍ୟଧରଙ୍କ ସମତୁଲ
ଆୟତକ୍ଷେତ୍ରରେ ଯେପରି କୌଣସି
ପ୍ରଭାବ ପଡ଼ି ନଥିଲା ତା କଥାର। ସେ

Digitized by srujanika@gmail.com

ନିଜକୁ ଆଶ୍ୱାସନା ଦେଲା ଯେ ହୁଏ ତ ସ୍ୱପ୍ନରେ ବା ନିଦ ବାଉଳାରେ ବା ଅତି ଅନୁଚ୍ଚ ସ୍ୱରରେ ସେ କଥାଟି କହିଥିଲା ଏବଂ କେହି ତାହା ଶୁଣି ପାରି ନଥିଲେ । ଏଥରକ ସେ ଉଚ୍ଚ କିନ୍ତୁ ବିନମ୍ର ସ୍ୱରରେ ପଣ୍ଡିତଙ୍କୁ ପ୍ରଶ୍ନ କଲା, ଆପଣ କିପରି ଜାଣିଲେ ସଂଖ୍ୟାଟି ନଅ ବୋଲି ?

ଭକ୍ତ ଆଡ଼କୁ ଈଶ୍ୱର ଅନାଇବା ଭଙ୍ଗୀ

ପଣ୍ଡିତ ଭାଗ୍ୟଧର ତା ଆଡ଼କୁ ଅନାଇଲେ ବରଦାନ ମାଗି ତଳେ ହାତ ଯୋଡ଼ି ଠିଆ ହୋଇଥିବା ଭକ୍ତ ଆଡ଼କୁ ଈଶ୍ୱର ଅନାଇବା ଭଙ୍ଗୀରେ, କିନ୍ତୁ କୌଣସି ଜବାବ ଦେଲେ ନାହିଁ । ଏଥରକ କାନରେ ବନ୍ଧା ହୋଇଥିବା ସୂତାର ବନ୍ଧନ ଶକ୍ତିକୁ ପରଖି, ନାକ ଉପରେ ଚଷମାଟିକୁ ଆହୁରି ସନ୍ତୁଳନର ସହିତ ଖଞ୍ଜି ଭାଗ୍ୟଧର ହାତରେ ଧରିଥିବା କାଗଜଟିକୁ ସାଉଁଳାଇଲେ ଏବଂ ତାକୁ ପଢ଼ି କହିଲେ, ଜନ୍ତୁ ମିଳିଯିବ ।

Digitized by srujanika@gmail.com

ଏହାପରେ ଯେପରି ଜିଷ୍ଣୁର ମନ ଭିତରୁ ପଣ୍ଡିତଙ୍କର ସର୍ବଜ୍ଞ ହୋଇଥିବା ବିଷୟରେ ସବୁ ସଂଶୟ ଦୂର ହୋଇଗଲା ଏବଂ ସେ ନିଜର ଆସନରୁ ତଳକୁ ଓହ୍ଲାଇ ଆସିଲା । ଦର୍ଶକ ମଣ୍ଡଳୀ ଭିତରେ ଜାଗା କରି ସେ ପଦ୍ମାସନ କରିବାରେ ବିଫଳ ହେଲା ଏବଂ ପଣ୍ଡିତଙ୍କ ଆଗରେ ସହଜ ଚକା ପକାଇ ବସିଗଲା । କିନ୍ତୁ ଭାଗ୍ୟଧର କିଛି ନ କହି ଆଖି ବୁଜି ଧ୍ୟାନମଗ୍ନ ହୋଇଗଲେ । ଅଳ୍ପ ସମୟରେ ଦର୍ଶକମାନେ ମଧ୍ୟ ଉଠି ଚାଲିଗଲେ ଖେଳ ସରିଗଲା ବୋଲି ଜାଣି । ଏଥରକ ସଚେତନ ହୋଇ ନିଜ ଚାରି ଆଡ଼କୁ ଅନାଇଲା ଜିଷ୍ଣୁ ।

ପଦ୍ମାସନ କରିବାରେ ବିଫଳ

ସେ ଯେଉଁଠାରେ ବସିଥିଲା, ସେ ପରିବେଶ ଆଦୌ ତାର ନଥିଲା । ତାର ଚେହେରା, ବେଶ ପୋଷାକ, ବିଲାତି ସୁଟ୍‌କେସ୍, ଏତେ ବର୍ଷର ଶିକ୍ଷା ଦୀକ୍ଷା ସଂଯମ ଶୃଙ୍ଖଳା ପରମ୍ପରା ସବୁ ଏ ଜାଗାର ପ୍ରତିକୂଳ ଥିଲା । ଶୋଇ ପଡ଼ିଥିବା ଶୁଆ, ସମାଧିସ୍ଥ ସର୍ବଜ୍ଞ ଓ ଲଫାପା

Digitized by srujanika@gmail.com

ଭିତରେ ବନ୍ଦ ପଡ଼ିଥିବା ବିଭିନ୍ନ
ଭାଗ୍ୟମାନଙ୍କର ପୃଥିବୀରେ ସେ ଥିଲା
ଏକ ଅକ୍ଷମଣୀୟ ବ୍ୟତିକ୍ରମ ଓ ଅସଙ୍ଗତି ।

ଏକ ଅକ୍ଷମଣୀୟ ବ୍ୟତିକ୍ରମ

ଏବଂ ଏ ପୃଥିବୀରେ ବୋଧହୁଏ
ବେ ଶଳା ବେଶି ଉପଯୁକ୍ତ ଥିଲା,
ବର୍ତ୍ତମାନ ମନେ ହେଲା ଜିଷ୍ଣୁର । ସେ
ନିଜର ଯେଉଁ ଉଚ୍ଚ ହୋଇଥିବାର
ଅଭିମାନ କଥା ଟିକିଏ ଆଗରୁ ଭାବିଥିଲା,
ତାକୁ ଅସାର ଜଣାଗଲା ଏଇ ମୁହୂର୍ତ୍ତରେ ।
ସେ ଅନେକ ପଛକୁ ଫେରିଗଲା
ଯେଉଁଠାରେ ଆମେରିକା ଓ ଜେନ୍ ନ
ଥିଲେ ଏବଂ ଯେଉଁଠାରେ ଭାଗ୍ୟଧର ଓ
ତାର ନିଜର ଚରାଭୂଇଁ ଗୋଟିଏ ଥିଲା ।
ସେଠାରେ ସେ ଧାନ ବିଲର ହିଡ଼
ଉପରେ ଦଉଡୁଥିଲା । ତାରି ଭଳି
ଗୋଟିଏ ପିଲା ଦଉଡ଼ି ଆସୁଥିଲା
ଆରପାଖରୁ ଏବଂ ଧକ୍କା ଖାଇ ଦୁହେଁ
ତଳେ ପଡ଼ିଗଲେ । ସେ ପିଲା ଆଗ ଉଠି
ଦେହରୁ ଧୂଳି ଝାଡ଼ି କହିଲା, ଶଳା ! ଜିଷ୍ଣୁ
କହିଲା, କ'ଣ ତୋ ଆଖି ଫୁଟି ଯାଇଚି
କି ବେ ?

Digitized by srujanika@gmail.com

ଏକ ଅଜଣା
ସୌହାର୍ଦ୍ଦ୍ୟର ସୂତ୍ର

ଗାଁ ବିଲମାଳ ଭିତରୁ ଭାଗ୍ୟଧରକୁ ଦେଖିଲା ଜିଷ୍ଣୁ। ଲୋକଟି ତାକୁ ଆଉ ବେଢଙ୍ଗ ଜଣାଗଲା ନାହିଁ। ବରଂ ତା ସହିତ ଏକ ଅଜଣା ସୌହାର୍ଦ୍ଦ୍ୟର ସୂତ୍ର ଥିବାର ଅନୁଭବ କଲା ଜିଷ୍ଣୁ, କାରଣ ସେ ବର୍ତ୍ତମାନ ସମ୍ପୂର୍ଣ୍ଣ ଉଦାସୀନ ଥିଲା ଭାଗ୍ୟଧରଙ୍କର ପାଣ୍ଡିତ୍ୟ ଓ ଗ୍ରାମ୍ୟତା ପ୍ରତି। ଭାଗ୍ୟଧର ଯେତେବେଳେ ଆଖି ଖୋଲି ତା ଆଡ଼କୁ ଅନାଇଲା, ସେ ସହଜରେ ତାକୁ ପଚାରିଲା, ତମେ କେମିତି ଜାଣିଲ ମୁଁ ନବଗୁଞ୍ଜର ଖୋଜୁଛି ବୋଲି ?

ଭାଗ୍ୟଧର କହିଲା, ମତେ କି ଜଣା କିଏ କଣ ଖୋଜୁଚି ? ମୁଁ ତ ନିମିତ୍ତ ମାତ୍ର। ଶୁଆ ଯାଇ କାଗଜ ଉଠାଇଲା, କାଗଜରେ ଲେଖା ଅଛି ନଅ ସଂଖ୍ୟା ଆଉ ଜନ୍ତୁ କଥା। କିନ୍ତୁ ଜନ୍ତୁ ମିଳିଯିବା କଥା ତମେ କହିଲ କେମିତି, ଜିଷ୍ଣୁ ପଚାରିଲା; ତା ଛଡ଼ା ନବଗୁଞ୍ଜର ସିନା ପୁରାଣର ଜନ୍ତୁ, ମୁଁ ଖୋଜୁଛି ସେଇ ନାଁର ପୋଥିକୁ। କୋଉ ମଫସଲ ଗାଁରେ

Digitized by srujanika@gmail.com

କାହା ପାଖରେ ଅଛି ସେ ପୋଥି। ଭାଗ୍ୟଧର କହିଲା, କାଗଜରେ ସିନା ହୁଲିଆ ଲେଖା ଅଛି, ଖୋଜି ବାହାର କରିବା ଲୋକ ତ ମୁଁ! ପୋଥି ତ ଛାର କଥା, କହିଲେ ମୁଁ ମୂଳ ଜନ୍ତୁକୁ ବି ଖୋଜି ବାହାର କରିଦେବି। କଣ ତାହେଲେ ବାହାରିବା ଏଥରକ ?

ବର୍ତ୍ତମାନ ଘଟଣା ସବୁ ଏତେ ଶୀଘ୍ର ଘଟୁଥିଲା ଯେ ତାଳ ଦେଇ ପାରୁ ନଥିଲା ଜିଷ୍ଣୁ। ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା, କୁଆଡ଼େ ?

ସେ କଥା ତ କହି ହବନି। ସବୁଠିକି କଣ ଆଉ ରାସ୍ତା ଥାଏ ? ଆଗକୁ ଚାଲିଲେ ଆପେ ଆପେ ରାସ୍ତା ମିଳିଯାଏ, ନହେଲେ ନୂଆ ରାସ୍ତା ତିଆରି ହୋଇଯାଏ।

ଆପେ ଆପେ ରାସ୍ତା ମିଳିଯାଏ

ଏତିକି କହି ଭାଗ୍ୟଧର ତାର ଜିନିଷପତ୍ର ସଜାଡ଼ିବାରେ ଲାଗିଗଲା। ଶୀତଳପଟି ଉପରେ ଇତସ୍ତତଃ ପଡ଼ିଥିବା ଭାଗ୍ୟବନ୍ଦ ଲଫାପା, ଶୁଆର ଦାନା ଥିବା

Digitized by srujanika@gmail.com

ଗିନା, ଭାଙ୍ଗି ହେଉଥିବା ପଟା ଇତ୍ୟାଦିକୁ ଗୋଟିଏ ମୁଣାରେ ପୂରାଇଲା ଭାଗ୍ୟଧର। ତା ପରେ ପଟି ଉପରୁ ଉଠି ସେ ତାକୁ ଚଉଡି ଦେଲା, ଶୁଆର ପଞ୍ଜୁରୀ ଉପରେ ଗୋଟିଏ ଖୋଳ ଘୋଡ଼ାଇ ଦେଲା ଏବଂ ସବୁ ଜିନିଷକୁ ଗଛ ପାଖେ ଲଗାଇ ରଖି ଦେଇ ଉଠି ଠିଆ ହେଲା। କହିଲା, ଏଥରକ ଚାଲ।

ସବୁ ପ୍ରକାରେ ଅଯୌକ୍ତିକ

ଯଦିଓ ପୂରା ଜିନିଷଟି ସବୁ ପ୍ରକାରେ ଅଯୌକ୍ତିକ ଥିଲା, ଜିଷ୍ଣୁ ସେଇ ମୁହୂର୍ତ୍ତରେ ଠିକ କରିନେଲା ଯେ ସେ ଭାଗ୍ୟକୁ ହିଁ ଅନୁସରଣ କରିବ। ଏ ନିଷ୍ପତ୍ତି ନେବା ସଙ୍ଗେ ସଙ୍ଗେ ତାର ଉଦ୍‌ବେଗ ସବୁ ଚାଲିଗଲା। ଭାଗ୍ୟଧର ତାର ସୁଟକେସକୁ ଉଠାଇ ନିଜର ମୁଣ୍ଡ ଉପରେ ରଖିଲା ବେଳକୁ ଜିଷ୍ଣୁର ମନ ସମ୍ପୂର୍ଣ୍ଣ ଚିନ୍ତାଶୂନ୍ୟ ଓ ଭାରମୁକ୍ତ ଥିଲା।

Digitized by srujanika@gmail.com

౧

Digitized by srujanika@gmail.com

Digitized by srujanika@gmail.com

ଚକେ ଗଲେ ବାରହାତ

ଜିଷ୍ଣୁ ଓ ଭାଇଗ ବସ୍‌ର ମଝିଆ ମଝି ସିଟ୍‌ରେ ପାଖାପାଖି ବସିଥିଲେ। ସେମାନେ ବସ୍ ଚଢ଼ିଥିଲେ ପଇଁଚାଳିଶ ମିନିଟ ତଳେ। ମଝିରେ ଥରେ ଜିଷ୍ଣୁର ଆଖି ଲାଗିଗଲା ଏବଂ ଯେତେବେଳେ ସେ ସଚେତନ ହେଲା, ତାର ମନେ ହେଲା ଯେ ସେମାନେ ଅନେକ ରାସ୍ତା ପାରି ହୋଇ ସାରିଛନ୍ତି। କିନ୍ତୁ ଆଖି ଖୋଲି ପ୍ରକୃତିସ୍ଥ ହୋଇ ସେ ଜାଣିଲା ଯେ ଯାନଟି ଏପର୍ଯ୍ୟନ୍ତ ସେଇ ବାହାରିବା ଜାଗାରେ ହିଁ ରହିଥିଲା। ବସ୍ ଭିତରେ ଲୋକ ଖୁନ୍ଦାଖୁନ୍ଦି ଥିଲେ, ତେବେ କଣ୍ଡକ୍ଟର ଯେପରି ତା ଭିତରେ ଖାଲି ସ୍ଥାନମାନ ଦେଖି ପାରୁଥିଲା, କାରଣ ସେ

ଏପର୍ଯ୍ୟନ୍ତ ସେଇ
ବାହାରିବା ଜାଗାରେ

Digitized by srujanika@gmail.com

ଏପର୍ଯ୍ୟନ୍ତ ଲାଗିଥିଲା ଆହୁରି ଯାତ୍ରୀ ସଂଗ୍ରହ କରିବାରେ । ବସ୍ ଭିତରର ଭିଡ଼ ଓ ଗରମ ଏବଂ ବାହାରେ ପାଟି ଗୋଳ ଧୂଳି ମଇଳାର ଉପଦ୍ରବ ମଝିରେ ଜିଷ୍ଣୁ ଆମେରିକାର ଗ୍ରେ ହାଉଣ୍ଡ ଓ ତାର ସ୍ୱାଚ୍ଛନ୍ଦ୍ୟ କଥା ଭାବିବାକୁ ଯାଉଥିଲା, କିନ୍ତୁ ଗାଁ ପାଖରେ ତାର ଜିନିଷପତ୍ର ବୁଜୁଳାକୁ କୋଳରେ ରଖି ନିଶ୍ଚିନ୍ତ ଶୋଇ ଯାଇଥିବା ଲୋକଟିକୁ ଦେଖି ନିଜକୁ ସେଭଳି ଚିନ୍ତାରୁ ନିବୃତ୍ତ କଲା ।

ଧୂଳି ମଇଳାର ଉପଦ୍ରବ

ଏଥରକ ତା ଡାହାଣ ପାଖରେ ଜାକିଜୁକି ହୋଇ ସନ୍ତର୍ପଣରେ ବସିଥିବା ଲୋକଟି ଆଡ଼କୁ ଆଖି ପକାଇଲା ଜିଷ୍ଣୁ । ଲୋକଟି ବାରମ୍ବାର ନିଜର କମିଜରୁ ବସ୍ ଟିକେଟଟିକୁ ବାହାର କରି ତାକୁ ଦେଖୁଥିଲା ଏବଂ ପୁଣି ତାକୁ ଦେଖି ସଯତ୍ନରେ ପକେଟ ଭିତରେ ରଖି ଦେଉଥିଲା, ଯେପରି କି ତାର ଏଇଭଳି ସତର୍କ ତତ୍ତ୍ୱାବଧାନ ବିନା କାଗଜ ଟୁକୁଡ଼ାଟି କେଉଁଆଡ଼େ ଉଡ଼ି ଚାଲିଯିବ । ତାର ଦେଖା ଦେଖି ଜିଷ୍ଣୁ ଛାତି ପକେଟରୁ

Digitized by srujanika@gmail.com

ନିଜର ଟିକେଟ୍‌ଟିକୁ ବାହାର କରି ତାର ଅନୁଧ୍ୟାନ କଲା । ଅତି ଅସ୍ପଷ୍ଟ ଛାପାରେ ସବା ଉପରେ ମନପବନ ବସ ସର୍ଭିସ୍‌ର ନାଁ ଏବଂ ଗୋଟିଏ ପକ୍ଷୀରାଜ ଘୋଡ଼ାର ଚିତ୍ର ଥିଲା ଏବଂ ତା ତଳକୁ ବିଭିନ୍ନ ପ୍ରକାରର ରେଖାଙ୍କନ ହୋଇ ସବା ତଳେ ଟିକେଟର ଦାମ ଲେଖା ହୋଇଥିଲା ଯାହା ଆଦୌ ପଢ଼ି ହେଉ ନଥିଲା । ଟିକେଟର ପଛପାଖେ କିନ୍ତୁ ଛପା ଅଧିକତର ସ୍ୱଚ୍ଛ ଓ ସ୍ପଷ୍ଟ ଥିଲା ଏବଂ ସେଥିରେ ଲେଖା ହୋଇଥିଲା: ଦୈବ ଦୁର୍ବିପାକ ପାଇଁ କମ୍ପାନୀ ଦାୟୀ ନୁହେଁ ।

କମ୍ପାନୀ ଦାୟୀ ନୁହେଁ

ଏଇ କେତୋଟି ଶବ୍ଦ ଅତି ଦୁଶ୍ଚିନ୍ତାରେ ପକାଇଲା ଜିଷ୍ଣୁକୁ । ବିଭିନ୍ନ ପ୍ରକାରର ଆପତ୍ତି ବିପତ୍ତିର କଥା ତାର ମନକୁ ଆସିଲା । ଅନେକ ବର୍ଷ ତଳେ ଆକାଶ ମାର୍ଗରେ ଯାତ୍ରାକାଳୀନ ଏକ ସମ୍ଭାବ୍ୟ ଦୁର୍ଘଟଣାର ସ୍ମୃତି ତାକୁ ପୁଣି ଥରେ ଭୟଭୀତ କରିଦେଲା । ତେବେ ସେ ନିଜକୁ ଆଶ୍ୱାସନା ଦେଲା ଯେ ଏ ଯାତ୍ରାର କୌଣସି ଦୈବ ଦୁର୍ବିପାକ ସେ

Digitized by srujanika@gmail.com

ଭଳି ମାରାତ୍ମକ ହୋଇ ନ ପାରେ। ତାର କଳ୍ପନାରେ ମନପବନର ସବୁଠାରୁ ଭୟାନକ ଦୁର୍ଘଟଣାର ଆଲେଖ୍ୟ ଥିଲା ଧୂ ଧୂ ଅପନ୍ତରା ରାସ୍ତା ମଝିରେ ଯାନଟି ହଠାତ ଅଟକି ଯିବା ଓ ସମସ୍ତେ ବସ୍‌ରୁ ଓହ୍ଲାଇ ଝାଳନାଳ ହୋଇ ତାକୁ ଧକ୍କା ଦେଇ ପୁଣି ସଚଳ କରିବାର ଚେଷ୍ଟା କରିବା। କିମ୍ବା, ମନପବନ ରାସ୍ତାରୁ ଖସି ପଡ଼ି ଗଡ଼ି ଗଡ଼ି ପୁଣି ଚିତ୍ ହୋଇ ଅଳ୍ପ ପାଣିରେ ଠିଆ ହୋଇ ଯାଇଥିବା ଏବଂ ଝରକା ଦେଇ ତଳକୁ ଓହ୍ଲାଇବା ବେଳେ ତାର ପୋଷାକ ପତ୍ର ଓଦା ଓ କାଦୁଅ ହୋଇ ଯାଇଥିବା। ଅବଶ୍ୟ ଏହାଠାରୁ ଅଧିକ ଭୟାବହ ଚିତ୍ର ଆଙ୍କି ହୋଇଥାନ୍ତା, ଯଥା ଲେଭେଲକ୍ରସିଂ ପାରି ହେବା ବେଳେ ରେଳ ଧାରଣା ଉପରେ ଯାନଟି ଚଳତ୍ ଶକ୍ତି ରହିତ ହୋଇଯିବା ଏବଂ ମାଲଗାଡ଼ିର ଇଞ୍ଜିନ ତଳେ ସମ୍ପୂର୍ଣ୍ଣ ଭାବେ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯିବା, ଅଥବା ପୁରୁଣା ପୋଲର କାନ୍ଥ ଭାଙ୍ଗି ବସ୍‌ଟି ଭରା ନଈ ଭିତରକୁ ଖସି ପଡ଼ିବା ଇତ୍ୟାଦି। କିନ୍ତୁ

ଅଧିକ ଭୟାବହ ଚିତ୍ର

Digitized by srujanika@gmail.com

ବର୍ତ୍ତମାନ ମନ ସକାରାତ୍ମକ ଭଙ୍ଗୀରେ ଥିଲା କି କଣ, ଯମ ତାର ଆଖପାଖକୁ ପଶି ପାରୁ ନଥିଲା। କମ୍ପାନୀର କୌଣସି ଦାୟିତ୍ୱ ନଥିବା ଏ ଭଳି ଏକ ଗୌଣ ବିପତ୍ତିରୁ ବର୍ତ୍ତି ଜାମାରୁ କାଦୁଅ ପୋଛି ହାତ ଧୋଇ ବାହାରିଲା ବେଳକୁ ଜିଷ୍ଣୁ ଦେଖିଲା ଯେ ତାଙ୍କ ବସ୍ କେତେବେଳୁ ଚାଲିବାକୁ ଆରମ୍ଭ କଲାଣି ଏବଂ ସେମାନେ ସହର ସୀମା ବାହାରେ। ଜିଷ୍ଣୁ ଆଖି ବନ୍ଦ କଲା।

ସହର ସୀମା ବାହାରେ

ଉପରୁ ବରଫ ପଡୁଥିଲା ଏବଂ ସାରା ରାସ୍ତା ବର୍ତ୍ତମାନ ବରଫ ହିଁ ବରଫ ଥିଲା। ଜେନ୍ ଓ ସେ ପାଖ ସହରରୁ ଫେରୁଥିଲେ ରାତିର ବିଳମ୍ବିତ ପ୍ରହରରେ, ବନ୍ଧୁଙ୍କ ଘରେ ରାତ୍ରି ଭୋଜନ ସାରି। ସେ ଗାଡ଼ି ଚଳାଉଥିଲା ଏବଂ ତା ଡାହାଣ ପାଖେ ବସିଥିଲା ଜେନ୍। ତାଙ୍କ ଭିତରୁ ଜଣକୁ ଗାଡ଼ି ଚଳାଇବାକୁ ହେବ ବୋଲି ସେ ଦିନ ରାତିରେ କିଏ ମଦ୍ୟପାନ କରିବ ଏବଂ କିଏ କରିବ ନାହିଁ ସେ ବିଷୟରେ ଅନେକ ସମୟ

Digitized by srujanika@gmail.com

ଆନନ୍ଦକୁ ପାଳିବାର
ପ୍ରଥମ ଅଧିକାର

ଗମ୍ଭୀର ବିଚାର ବିମର୍ଶ ହୋଇ ଶେଷରେ ଠିକ ହୋଇଥିଲା ଯେ ପିଇବ କେବଳ ଜେନ୍, କାରଣ ସେ ଦିନ ତାର ଗବେଷଣା ମଞ୍ଜୁର ହୋଇଥିବାର ଖବର ମିଳିଥିଲା ଏବଂ ସେ ଆନନ୍ଦକୁ ପାଳିବାର ପ୍ରଥମ ଅଧିକାର ଥିଲା ତାର ହିଁ। ପାର୍ଟିରେ ସାରା ସମୟ ଗୋଟିଏ ପରେ ଗୋଟିଏ ପାନୀୟ ନେବା ପରେ ବେଶ ମୁଖରା ଥିଲା ଜେନ୍ ଏବଂ ବର୍ତ୍ତମାନ ସମ୍ପୂର୍ଣ୍ଣ ଅନିଶାସକ୍ତ ଅବସ୍ଥାରେ ତା ଆଡ଼କୁ ଅନାଇ ସେଇ ରାତିଟି ବା ରାତିର ଅବଶିଷ୍ଟ ପ୍ରହରଟି କିପରି କଟିବ ବା ନ କଟିବ ତାର ସୁଖଦ କଳନା କରୁଥିଲା ଜିଷ୍ଣୁ। ନିଜ ଛାତି ଉପରେ ଝୁଙ୍କି ପଡ଼ି ଜେନ ତନ୍ଦ୍ରାବେଶରେ ଥିଲା ଏବଂ ସୁନେଲି ବାଳରେ ତାର ମୁହଁ ସମ୍ପୂର୍ଣ୍ଣ ଢାଙ୍କି ହୋଇ ଯାଇଥିଲା। ଜିଷ୍ଣୁ ତାର ମଥା ଉପରେ ସ୍ନେହ ଓ ଆଶ୍ୱାସନାର ହାତ ରଖିବାରେ ଜେନ ସାମାନ୍ୟ ଅସ୍ପଷ୍ଟ ଶବ୍ଦ କରି ସିଧା ହୋଇ ବସିବାକୁ ଚେଷ୍ଟା କରି ପୁଣି ଶୋଇଗଲା।

Digitized by srujanika@gmail.com

ସତର୍କ ହୋଇ ରାସ୍ତାର ଦିଗ୍‌ଦର୍ଶକ
ସୂଚନାପଟାକୁ ଦେଖି ଜିଷ୍ଣୁ ଠାବ କରିବାକୁ
ଚେଷ୍ଟା କଲା ସେ କୋଉ ଜାଗାରେ ଅଛି
ଏବଂ ଠିକ ରାସ୍ତାରେ ଯାଉଛି କି ନାହିଁ।
ଜେନ୍ ଚେଇଁଥିଲେ ସେ ତାକୁ କହିଥାନ୍ତା
ମାନଚିତ୍ର ବାହାର କରି ତାକୁ ରାସ୍ତା
ଦେଖିବାରେ ସାହାଯ୍ୟ କରିବା ପାଇଁ।
କିମ୍ବା ସେ ଯଦି ଜେନ୍‌କୁ ଆହୁରି ବେଶି
ଦିନରୁ ଜାଣିଥାନ୍ତା, ତେବେ ଏଇ ମାଦକ
ତନ୍ଦ୍ରାର ନିଷ୍କ୍ରିୟତାରୁ ଉଠାଇ ତାକୁ ସେ
ପଚାରି ପାରିଥାନ୍ତା। କିନ୍ତୁ ଅଳ୍ପ ପରିଚୟର
ଏଇ ଝିଅଟିକୁ ଜିଷ୍ଣୁ ପୁଣି ଥରେ ସାଦର
ମମତାର ସହିତ ଅନାଇଲା। ବତୀ ଜାଳି
କାଗଜ ଟୁକୁଡ଼ାରେ ଲେଖା ଥିବା ରାସ୍ତାର
ନିର୍ଦ୍ଦେଶକୁ ଦେଖିଲା: ତିନିଶହ ପଞ୍ଚାବନ
ଦକ୍ଷିଣରୁ ଅଠାଅଶି ପଶ୍ଚିମରୁ ଅଣଷଠି
ଦକ୍ଷିଣ; ରୁଟ ଅଣଶଠିରେ ଦକ୍ଷିଣକୁ
ସାଢ଼େ ଚାରି ମାଇଲ; ଅରୋରା
ଆଭେନିଉ (ନର୍ଥ ଅରୋରା ଆଭେନିଉ
ନୁହେଁ) ରେ ବାଁକୁ ଭାଙ୍ଗି ତିନିଟି ସ୍ଟପ୍
ଲାଇଟ ପରେ ଡାହାଣ ପାଖେ, ଏବଂ

ମାଦକ ତନ୍ଦ୍ରାର ନିଷ୍କ୍ରିୟତା

Digitized by srujanika@gmail.com

ନିଜକୁ ଆହୁରି ଏକନିଷ୍ଠ କରି ଗାଡ଼ି ଚଳାଇବାରେ ମନ ଦେଲା ଜିଷ୍ଣୁ।

ପରବର୍ତ୍ତୀ ସ୍ମୃତିଟି ଅତି ଭୟାବହ ଥିଲା, କିନ୍ତୁ ଯେଉଁ ଝଟକାରେ ତାର ନିଦ ଭାଙ୍ଗିଗଲା, ସେଇଟି ସେଇ ପୁଟୁଳା ସମେତ ଭାଇଗ ଗାଡ଼ିର ଝାଙ୍କ ଖାଇ ତା ଉପରେ ପଡ଼ି ଯାଇଥିବାର। ବସ୍ ବର୍ତ୍ତମାନ ରାସ୍ତା ମଝିରେ ଠିଆ ହୋଇଥିଲା। ବାହାରେ ପାଗ ସାମାନ୍ୟ ମେଘୁଆ ଥିଲା। ବସ୍ ଚାରି ପାଖକୁ ଘେରି ଗୋଟିଏ ଗାଇଗୋଠ ଠିଆ ହୋଇଥିଲେ।

ମେଘ ଘେରା
ମୁଣ୍ଡିଆ ପାହାଡ଼

ଗାଡ଼ି ସାମ୍‌ନାର କାଚ ଦେଇ ଦୂରରେ କେଉଁ ଏକ ମେଘ ଘେରା ମୁଣ୍ଡିଆ ପାହାଡ଼ ଦେଖା ଯାଉଥିଲା। ଅଧା ନିଦ ଅବସ୍ଥାରେ ପୂରା ଦୃଶ୍ୟଟି ତାକୁ ମନେ ହେଉଥିଲା ଜେନ ତାକୁ କେବେ ଦେଖାଇଥିବା ଗିରି ଗୋବର୍ଦ୍ଧନର ଏକ ମିନିଏଚର ଶୈଳୀର ଚିତ୍ର ଭଳି।

ଡାହାଣ ପାଖର ଯାତ୍ରୀଟି ନିର୍ବୋଧ ଭଳି ଏ ପାଖ ସେପାଖକୁ ଦେଖୁଥିଲା। କିଛି ଦୁଃସାହସୀ ଯାତ୍ରୀ ବସ୍‌ରୁ ଓହ୍ଲାଇ

Digitized by srujanika@gmail.com

ଗତିପଥର ସମସ୍ୟାକୁ ଆକଳନ କରିବାକୁ ଚେଷ୍ଟା କରୁଥିଲେ। ଜିଷ୍ଣୁ ତାର କୋଳ ଉପରୁ ନିଜର ପୁଟୁଳା ଓ କାନ୍ଧରୁ ସହଯାତ୍ରୀର ମୁଣ୍ଡକୁ ଘୁଞ୍ଚାଇବାରେ ସାମାନ୍ୟ ସଫଳ ହେଲା। କିନ୍ତୁ ଭାଇଗକୁ ତାର ଗହମ ନିଦରୁ ଉଠାଇ ପାରିଲା ନାହିଁ। ବସ୍ ଭିତରେ ଏବଂ ବାହାରେ ଲୋକଙ୍କର ଉଚ୍ଚ କଳରୋଳ ଓ ଜନ୍ତୁଙ୍କର ହମ୍ବା ରଡ଼ି, ଡ୍ରାଇଭରର ବାରମ୍ବାର ହର୍ଣ୍ଣ ବଜାଉଥିବା ଓ ନିଜ ଚାରିପାଖରେ ଏକ ଆସକ୍ତ ଉଷ୍ଣତାର ବାୟୁମଣ୍ଡଳ ଭିତରେ ପୁଣି ଥରେ ଶୋଇ ଯିବାର ଚେଷ୍ଟାରେ ଆଖି ବନ୍ଦ କଲା ଜିଷ୍ଣୁ। ନିଦ ବଦଳରେ କିନ୍ତୁ ତା ମନ ଭିତରକୁ ଆସିଲା ସେଇ ଦିନର ସକାଳରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ତାର ପରିକଳ୍ପନାମାନ ଏକ ସମ୍ପୂର୍ଣ୍ଣ ନୂଆ ମୋଡ଼ ନେଇଥିବା କଥା।

ଆସକ୍ତ ଉଷ୍ଣତାର ବାୟୁମଣ୍ଡଳ

ଜିନିଷପତ୍ର ଧରି ହୋଟେଲ ଛାଡ଼ିବା ବେଳେ ସେ ଭାବିଥିଲା ଯେ ଟ୍ରେନ୍ ଧରି ସେ ଓଲଟପାରା ଷ୍ଟେସନ ପର୍ଯ୍ୟନ୍ତ ଯିବ, ଏବଂ ସେଠାରୁ ଓହ୍ଲାଇ

Digitized by srujanika@gmail.com

ବିଲକ୍ଷଣ ପରିସ୍ଥିତିର ଭାଜନ

ପାଖ ଗାଁକୁ ଯିବ ପୋଥି ଖୋଜିବା ପାଇଁ। ପଣ୍ଡିତ ଭାଗ୍ୟଧର ତାର ଯୋଜନାରେ ଆଦୌ ନଥିଲା ଏବଂ ସେ ନିଜର କାର୍ଯ୍ୟ ନିର୍ଘଣ୍ଟକୁ ଅନୁସରଣ କରିଥାନ୍ତା ଯଦି ସେ ଦିନର ଟ୍ରେନ୍ ଆସିବାରେ ବିଳମ୍ବ ହୋଇ ତାକୁ ସେଇ ଗଛ ତଳେ ବସିବାକୁ ପଡ଼ି ନଥାନ୍ତା ଏବଂ ଶୁକପକ୍ଷୀ ନ ନମ୍ବର ଲେଖାଥିବା ପାଞ୍ଚ ନମ୍ବର ଲଫାପାକୁ ଖୁମ୍ପି ତାକୁ ଏଇ ବିଲକ୍ଷଣ ପରିସ୍ଥିତିର ଭାଜନ କରି ନଥାନ୍ତା। ବର୍ତ୍ତମାନ କିନ୍ତୁ ତାର ମନେ ହେଉଥିଲା ଯେ ତାର କାର୍ଯ୍ୟକ୍ରମର ଏଭଳି ଅଭାବିତ ଅବସ୍ଥାଭେଦ ଏକ ବିଧିନିର୍ଦ୍ଦିଷ୍ଟ ଉତ୍କର୍ଷ ପାଇଁ ଥିଲା। ତାର ମନ ଭିତରକୁ ଆସିଲା ପିଲାଦିନରୁ ଶୁଣି ଆସିଥିବା ଏକ ଅକିଞ୍ଚିତକର ଚର୍ବିତଚର୍ବଣ: ଈଶ୍ୱର ଯାହା କରନ୍ତି ମଙ୍ଗଳ ପାଇଁ।

ତାର କୁଶଳର ସମସ୍ତ ଦାୟିତ୍ୱ ସ୍ୱେଚ୍ଛାରେ ନିଜ ଉପରକୁ ନେଇଥିଲା ପଣ୍ଡିତ ଭାଗ୍ୟଧର ଓରଫ ଭାଇଗ ଏବଂ ଏଥି ସହିତ ତାର ଭ୍ରମଣ ସମ୍ପଦ ଓ ଚିନ୍ତା

Digitized by srujanika@gmail.com

ଗୋକୁଳର ଚକ୍ରବ୍ୟୁହ ଭେଦ

ଉଦ୍‌ବେଗ ଅସ୍ଥିରତା ଉତ୍ତେଜନା ମଧ୍ୟ ବୁଜୁଳାରେ ବନ୍ଧା ହୋଇ ବର୍ତ୍ତମାନ ଥିଲେ ଭାଇଗର ହାତ ମୁଠାରେ। ତାର ସୁଟ୍‌କେସ୍ ସମେତ ଜିଷ୍ଣୁକୁ ଭାଇଗ ତାର ଛାଡ଼ି ଆସିଥିବା ହୋଟେଲକୁ ନେଇଗଲା, ଏବଂ ସେଥିରୁ ଅତି ଦରକାରୀ ଜିନିଷ ବାହାର କରି, ବୁଜୁଳାରେ ବାନ୍ଧି, ତାର ପୋଷାକ ବଦଳାଇ, ସୁଟ୍‌କେସ୍‌କୁ ହୋଟେଲ ଜିମାରେ ଦେଇ ସେମାନେ ସିଧା ଗଲେ ବସ୍‌ଷ୍ଟାଣ୍ଡକୁ। ସେମାନେ ଠିକ କେଉଁଠାକୁ ଯିବେ ତାର ନିର୍ଭୁଲ ଟିକେଟ କାଟିଥିଲା ଭାଇଗ ଏବଂ ଏବେ ତାର ଘୁଙ୍ଗୁଡ଼ି ମାରୁଥିବା ନିଦ ଭିତରେ ଯାନଟି ଗୋକୁଳର ଚକ୍ରବ୍ୟୂହ ଭେଦ କରି ପୁଣି ଚାଲିବାକୁ ଆରମ୍ଭ କରିଥିଲା। କଣ୍ଡକ୍ଟରର ଘଣ୍ଟି ଓ ହୁଇସିଲ୍ ମଝିରେ କଚଟିକୁ ସାମନାକୁ ଆଣି ଘଡ଼ିରୁ ସମୟ ଦେଖିବାର ସାମାନ୍ୟ କଷ୍ଟ କରିବା ଜିଷ୍ଣୁକୁ ନିରର୍ଥକ ମନେହେଲା।

ବସ୍‌ରେ ଚଢ଼ିବା ବେଳେ ତା ମନ ଭିତରେ ଅନେକ ଛୋଟ ଛୋଟ ପ୍ରଶ୍ନ

Digitized by srujanika@gmail.com

ଉଠିଥିଲା, ଯଥା, ତାର ସୁଟ୍‌କେସ୍
ବର୍ତ୍ତମାନ ହୋଟେଲର ଲେଫ୍‌ଟ
ଲଗେଜ୍‌ରେ ନିରାପଦ ଥିବା ବେଳେ
ପଟା ବାକ୍ସ ଲଫାପା ଶୀତଳପଟିର
ତତ୍ତ୍ୱାବଧାନ କରିବ କିଏ, ଏବଂ ଶୁଆଟି
କଣ ଖାଇବ ପିଇବ? ପଣ୍ଡିତଙ୍କ
ଅନୁପସ୍ଥିତିରେ ନିଜର ଭାଗ୍ୟ ଓ
ଭବିଷ୍ୟତ ସନ୍ଧାନରେ ଆସିଥିବା
ଗ୍ରାହକମାନଙ୍କୁ କିଏ ସେମାନଙ୍କର
କର୍ମଫଳରୁ ଉଦ୍ଧାର କରିବ? ପଣ୍ଡିତଙ୍କର
ହଠାତ ନିରୁଦ୍ଦେଶ ହୋଇଯିବାରେ
ତାଙ୍କର ପରିବାର ପ୍ରିୟ ପରିଜନ
ପଡ଼ୋଶୀ କଣ ଭାବିବେ? ଯଦିଓ ଏ
ପ୍ରଶ୍ନମାନଙ୍କର କୌଣସି ଉତ୍ତର ପାଇ
ନଥିଲା ଜିଷ୍ଣୁ, ସେ ବିଷୟରେ ଚିନ୍ତା
ଆଶଙ୍କା ବା ଅହେତୁକ କୌତୂହଳ ନଥିଲା
ଆଉ ତାର। ତାକୁ ଜଣାଗଲା ଯେପରି
ଏ ସବୁ ଏକ ଅତି ସ୍ୱାଭାବିକ ଦୈନନ୍ଦିନ
ଯାପନ ଚିତ୍ର। ଯେପରିକି? ନିଜକୁ ପ୍ରଶ୍ନ
କରି ସେ ତାର ଉତ୍ତର ଖୋଜିଲା।
ଯେପରିକି ବସ୍‌ର ଝରକା ବାହାରେ

ନିଜର ଭାଗ୍ୟ ଓ
ଭବିଷ୍ୟତ ସନ୍ଧାନ

Digitized by srujanika@gmail.com

ଦେଖା ଯାଉଥିବା ଶାଗୁଆ ଚଢ଼େଇଟି ଗଛର ଗୋଟିଏ ଡାଳରୁ ଅନ୍ୟ ଗୋଟିଏ ଡାଳକୁ ଉଡ଼ି ଯାଉଥିବା ପକ୍ଷୀଟିକୁ ଅନୁଧ୍ୟାନ କରି ଜିଷ୍ଣୁ ନିଜକୁ ଆଶ୍ୱାସନା ଦେଲା ଯେ ଏଇଟି କଦାପି ସେଇ ଭାଗ୍ୟ ନିର୍ଣ୍ଣାୟକ ଶୁକପକ୍ଷୀ ହୋଇ ନପାରେ।

ଭାଗ୍ୟ ନିର୍ଣ୍ଣାୟକ ଶୁକପକ୍ଷୀ

ଧୀର ଗତିରେ ପଛକୁ ଧାଉଁଥିବା ଗଛ ଡାଳରୁ ଆଖି ଓହ୍ଲାଇ ତଳକୁ ଅନାଇଲା ଜିଷ୍ଣୁ। କିଛି ବାଟ ଖୋଲା ରାସ୍ତା ପରେ ପୁଣି କଣ୍ଟାଲଟାର ଜଙ୍ଗଲ ଆରମ୍ଭ ହୋଇ ଯାଉଥିଲା। ସେ ଆବୁଡ଼ା ଖାବୁଡ଼ା ଧୂଳି ରାସ୍ତା ପାଖରେ କିଛି ଗୁଣ୍ଡୁଚି ମୂଷା ଓ ଏଣ୍ଡୁଅ ଠାବ କଲା। ଆଉ କିଭଳି ଜନ୍ତୁ ଦେଖାଯାଇ ପାରନ୍ତି ଏଠାରେ ? ଠେକୁଆ ନା କଇଁଛ ? ସେ କଳ୍ପନା କଲା ଗଛ ଛାଇ ତଳେ ଠେକୁଆ ଶୋଇ ଯାଇଛି ଓ ବଦ୍ଧ ପରିକର ହୋଇ କଇଁଛ ଆଗେଇ ଚାଲିଛି। ଆଉ କୋଉ ଗପରେ ଯାହାର ବିଷୟବସ୍ତୁ ତାର ଆଦୌ ମନେପଡୁ ନଥିଲା – ଥିଲା ଏଭଳି ଗୋଟିଏ ଧାଡ଼ି: ନିଶ୍ଚଳେ ରହିଲେ କଚ୍ଛପ ! ତାର ଆହୁରି

Digitized by srujanika@gmail.com

ନିଷ୍କଳେ ରହିଲେ କଚ୍ଛପ

ମନେ ପଡ଼ିଲା କୋଉ ଇଂରାଜୀ ଉପନ୍ୟାସରେ ପଢ଼ିଥିବା ଗୋଟିଏ କଇଁଛର ଚାଲୁଥିବାର ଦୀର୍ଘ ବର୍ଣ୍ଣନା। ତାର ଏଇଭଳି ଚିନ୍ତା ଭିତର ଦେଇ ରାସ୍ତା କଡ଼ରେ ତାକୁ ଗୋଟିଏ କଇଁଛ ଚାଲି ଯାଉଥିବାର ଦେଖାଗଲା, କିନ୍ତୁ ବସ୍ ତାକୁ ଏତେ ଶୀଘ୍ର ଅତିକ୍ରମ କରିଗଲା ଯେ ଜିଷ୍ଣୁ ମନରେ ସାମାନ୍ୟ ସନ୍ଦେହ ହେଲା ସେ ପ୍ରକୃତରେ ଗୋଟିଏ କଇଁଛ ଦେଖିଥିଲା କି ନାହିଁ। ଏହି ପ୍ରସଙ୍ଗରେ ତା ମନକୁ ଆସିଲା ଆଲିସ୍‌ର ଅଜବ ଦେଶର ଲୁହ ଢଳଢଳ ଆଖିରେ ବସିଥିବା ମିଛ କଇଁଛ କଥା ମଧ୍ୟ ଏବଂ ସେ ଠିକ କଲା ଏଥରକ ଭୂଇଁ ଉପରକୁ ଫେରି ଆସିବ।

ନିଜର କଳ୍ପନାମାନଙ୍କ ଉପରେ ପ୍ରତିବନ୍ଧ ଲଗାଇ ଆଖି ବନ୍ଦ କରି ଶୋଇବାକୁ ଚେଷ୍ଟା କଲା ଜିଷ୍ଣୁ। କିନ୍ତୁ ସେ ବର୍ତ୍ତମାନ ଏପରି ଅବସ୍ଥାରେ ଥିଲା ଯେ ସେ ନିଦ ଭିତରକୁ ପଶି ପାରୁ ନଥିଲେ ବି ପୂରାପୂରି ଉଜାଗର ନଥିଲା।

Digitized by srujanika@gmail.com

ସକାଳର
ସଚେତନ ସ୍ୱପ୍ନ

ସେ ଯାହାକିଛି ଭାବୁଥିଲା, ସେ ସବୁ କଳ୍ପନା ଓ ସ୍ମୃତି ଚାରଣା ତାର ମନର ନିବୁଜ ଆକାଶ ଭିତରେ ଦୋଦୁଲ୍ୟମାନ ଥିଲେ ସକାଳର ସଚେତନ ସ୍ୱପ୍ନ ଭଳି। ତା ସହିତ ଦୋଳି ଦୋଳି ବସ୍ ଚାଲିଥିଲା ଆପଣାର ମୁକ୍ତଛନ୍ଦରେ - ଅସମଞ୍ଜସ ରାସ୍ତା, ଧୂଳି ଧୂସରିତ ପବନ ଓ ଓହ୍ଲାଇ ଆସୁଥିବା ମେଘର ମହ୍ଲାର ସହିତ ତାଳ ଦେଇ। ଆଖି ଅଧା ଖୋଲି ଏକ ଜୀର୍ଣ୍ଣଜର୍ଜର ପରିବେଶ ଭିତରେ ନିଜର ସାମାନ୍ୟ ସ୍ଥାନକୁ ଉପଲକ୍ଷ୍ୟ କରି ସେ ନିଜକୁ ଦୁଃଖ ଓ ଅନୁତାପରେ ଅଭିଭୂତ କରିବାକୁ ଚେଷ୍ଟା କଲା। କିନ୍ତୁ ତାର ଧ୍ୟାନ ଧାରଣା ବର୍ତ୍ତମାନ ଏକ ଉଡ୍ଡୀୟମାନ ଅବସ୍ଥାରେ ଥିଲା ଏବଂ ସେଥିରେ ନାସ୍ତିର କୌଣସି ସ୍ଥାନ ନଥିଲା। ଏପରି ଏକ ଅନୁଭବ ତାର ହୋଇଥିଲା, ସେ ମନେ ପକାଇଲା, ଯଦିଓ ପ୍ରବଳ ମାତ୍ରାତିରିକ୍ତ ଭାବେ, ଯେତେବେଳେ ସେ କିଛି ସାଙ୍ଗମାନଙ୍କ ସହିତ ମିଶି ପ୍ରଥମଥର ପାଇଁ ଏଲ୍.ଏସ୍.ଡି ନେଇଥିଲା। ତାର ମାଦକ

Digitized by srujanika@gmail.com

କୌଣସି ଦିଗଦିଗନ୍ତ ନଥିବା ଶୂନ୍ୟ

ବିଦ୍ୟାରମ୍ଭ ପର୍ବରେ ଯେଉଁ ଦୀକ୍ଷାଗୁରୁ ତାକୁ ସେହି ନିଶାଦ୍ରବ୍ୟର ଭାଗମାପ ବିଷୟରେ ପ୍ରଥମ ଜ୍ଞାନ ଦେଇଥିଲେ, ତାକୁ ମନେ ପକାଇଲା ଜିଷ୍ଣୁ ଏବଂ ଭାଇଗ ଆଡ଼କୁ ଅନାଇଲା, ଯାହାର କୌଣସି ସାମଞ୍ଜସ୍ୟ ନଥିଲା ସେଇ ଗୋରା ଆଂଗ୍ଲୋସାକ୍ସନ ପ୍ରଟେଷ୍ଟାଣ୍ଟ ଭଦ୍ରବ୍ୟକ୍ତିଙ୍କ ସହିତ।

ଜେନ ଓ ନବଗୁଞ୍ଜର ବହି କଥା ତା'ର ମନକୁ ଆସିଲା ଯେଉଁଥିପାଇଁ ତାର ଏଇ ଦୁଃସାହସିକ ଯାତ୍ରାର ଅୟମାରମ୍ଭ। ବର୍ତ୍ତମାନ କିନ୍ତୁ ଜିଷ୍ଣୁର ମନେହେଲା ତାର ଯେପରି ଆଉ କୌଣସି ଲକ୍ଷ୍ୟସ୍ଥଳ ନାହିଁ ବା ନଥିଲା; ଏଇ ଯାତ୍ରା ପାଇଁ ହିଁ ଯେପରି ସେ ଆସିଥିଲା ଏଠାକୁ, କୌଣସି ଦିଗଦିଗନ୍ତ ନଥିବା ଶୂନ୍ୟରେ ପକ୍ଷୀରାଜ ଉପରେ ଚଢ଼ି ଏଇମାତ୍ର ସହଚର ହୋଇଥିବା ଲୋକଟି ସହିତ କେଉଁ ନିର୍ଦ୍ଦିଷ୍ଟ ଆଡ଼କୁ ନ ଯାଉଥିବାର ପରିବ୍ରଜ୍ୟା। ତା ମନ ଭିତରକୁ ଆସୁଥିଲା ଯାତ୍ରାରମ୍ଭ ପୂର୍ବରୁ ହିଁ ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଇଥିବାର

Digitized by srujanika@gmail.com

ସନ୍ତୋଷ। ଏହି ସୁଖଦ ଅନୁଭୂତିକୁ ସମ୍ବଳ କରି ସେ ପୁଣି ଶୋଇବାକୁ ଚେଷ୍ଟା କଲା। କିନ୍ତୁ ସେ ବର୍ତ୍ତମାନ ଥିଲା ତାର ଦେହ ମନ ଚେତନାକୁ ନେଇ ପୂରାପୂରି ଜାଗ୍ରତ। ସେ ନିଜର ଆହୁରି ପାଖକୁ ଫେରି ଆସିଲା।

ଦେହ ମନ ଚେତନାକୁ ନେଇ

ତାର ନାକ ଅଗରେ ଗୋଟିଏ ଡାଉଁଶ ଉଡ଼ି ବୁଲୁଥିଲା ଏବଂ ମୁହଁ ଚାରିପାଖେ ତାର କ୍ଷୀଣ ଧ୍ୱନି। ବସ୍ ଭିତରର ବାୟୁମଣ୍ଡଳରେ ଏତେ ଲୋକଙ୍କର କଥାବାର୍ତ୍ତାର ସମ୍ମିଳିତ ଗୁଞ୍ଜରଣ ଭିତରୁ ବାହାରି ଆସି ସେ ସ୍ୱଷ୍ଟ ଶୁଣିପାରିଲା ତା ପଛପାଖେ ବସିଥିବା ଦୁଇଜଣ ଯାତ୍ରୀଙ୍କର ବାର୍ତ୍ତାଳାପ। ଜଣେ ଦଦରା ଗଳାରେ କହୁଥିଲା, କଣ ଏ ସନ ଠାକୁରାଣୀ ଯାତକୁ ଯାଉଛୁ କି ନାଇଁ? ଅନ୍ୟ ଲୋକଟିର ନିଦା ସ୍ୱର ଜବାବ ଦେଲା, ଯାତରା ଠିକ ଅଛି; ତେବେ ମୁଁ ମୋର ଠାକୁରାଣୀକୁ ସାକ୍ଷାତ ବୋଲି ଭାବିଥିଲି, ସେମିତି କିଛି ନାହିଁ। ଦି ଦିନ ଅଧିଆ ପଡ଼ିଲି; ଗୋଡ଼ରେ

Digitized by srujanika@gmail.com

ଯୋଉ ଅଂଶେଇକୁ ସେଇ ଅଂଶେଇ। ଶେଷକୁ ବ୍ଲକ୍ ଡିସ୍‌ପେନ୍‌ସାରିରେ କମ୍ପାଉଣ୍ଡରର ଔଷଧରେ ଠିକ ହେଲା। ନିଜ ଗୋଡ଼ର କଥା ଆଡ଼କୁ ମନ ଗଲା ଜିଷ୍ଣୁ। ଅନେକ ବର୍ଷ ହେଲା ସବୁ ଠିକ ଅଛି। କିନ୍ତୁ ଯେପରି ଏଇ ମୁହୂର୍ତ୍ତରେ ସେଇ ପୁରୁଣା ବାଧକିର ସ୍ମୃତି ତାର ସାୟାଟିକା ସ୍ନାୟୁ ଦେଇ କଟି ପାଖରୁ ପାଦ ତଳିପା ପର୍ଯ୍ୟନ୍ତ ଓହ୍ଲାଇଗଲା ଏବଂ ଏକ ଅବାସ୍ତବ ଛୁଞ୍ଚିଫୋଡ଼ା ଯନ୍ତ୍ରଣା ତାର ମସ୍ତିଷ୍କକୁ ଆକ୍ରାନ୍ତ କଲା। ମନ ଭିତରୁ ଏଇ ଦୁଶ୍ଚିନ୍ତାକୁ ଦୂର କରିବାକୁ ଜିଷ୍ଣୁ ଜୋର୍‌ରେ ମଥା ହଲାଇଲା। ଦଦରା ସ୍ୱରଟି କହିଲା, ତୁ ଶଳା ଠିକରେ ଅଧିଆ ପଡ଼ି ନ ଥିବୁ। କଣ ଆଗ ରାତିରୁ ନିର୍ଜଳା ଉପାସ କରିଥିଲୁ କି ନାଇଁ? ଜିଷ୍ଣୁର ପ୍ରେସ୍‌କିପଶନ୍ ଉପରେ ପୁଣି ଥରେ ୟୁରିକ୍ ଏସିଡ୍ ପରୀକ୍ଷା କରାଇବା ପାଇଁ କହି ତା ତଳେ ବଡ଼ ଅକ୍ଷରରେ ତାର ଡାକ୍ତର ଲେଖିଥିଲା, ନୋ ଆଲ୍‌କହଲ୍। ନିଦା ସ୍ୱର କଣ କହିଲା ଶୁଣାଗଲା ନାହିଁ।

ଅବାସ୍ତବ ଛୁଞ୍ଚିଫୋଡ଼ା ଯନ୍ତ୍ରଣା

Digitized by srujanika@gmail.com

ଦଦରା କହିଲା, ମୁଁ ତତେ ଜାଣିନି ? ତୁ ଯେମିତି ଟକଳା, ନିଶ୍ଚେ କଣ ନା କଣ ଖାଇ ଦେଇଥିବୁ। ଅନ୍ୟଦିନ ଡାକ୍ତର ତାର ପୂର୍ବ ନିର୍ଦ୍ଦେଶନାମା ତଳେ ଗାରକାଟି କହିଲା, ଏଥରକ ମତେ ଏ କଥା ଲାଲ ଅକ୍ଷରରେ ଲେଖିବାକୁ ହେବ। ଜିଷ୍ଣୁ ମନେମନେ ବିରକ୍ତ ହୋଇ ନିଜକୁ କହିଲା, ଏଥରକ ମତେ ଡାକ୍ତର ବଦଳାଇବାକୁ ହେବ। ଦଦରା ସ୍ୱର କହିଲା, ତତେ କିଏ କହୁଥିଲା ନିଜ ବୁଦ୍ଧିରେ ଅଧିଆ ପଡ଼ିବାକୁ ? ତୁ ସିନା ମୁକ୍ତିମଣ୍ଡପ ପଣ୍ଡିତ ସଭାକୁ ଚିଠି ଲେଖିଥାନ୍ତୁ !

ନିଦା ସ୍ୱର କଣ କହିଲା

ଦି ଜଣ ଯାକ ଏଥରକ ଚୁପ ପଡ଼ିଗଲେ। ଆଉ କିଏ କଣ କହୁଛନ୍ତି ସତର୍କ ହୋଇ ଶୁଣିବାକୁ ଚେଷ୍ଟା କଲା ଜିଷ୍ଣୁ, କିନ୍ତୁ ବସ୍ ଭର୍ତ୍ତି ଏତେ ଲୋକଙ୍କର କଥାବାର୍ତ୍ତା ତା ପାଖକୁ ଫେରି ଆସିଲା କେବଳ ଏକ ମୃଦୁ ଗୁଞ୍ଜନ ହୋଇ। ଏଇ ସର୍ବସାଧାରଣ ନିଷ୍କ୍ରିୟ ବାତାବରଣ ଭିତରେ ସାମାନ୍ୟ ଉତ୍ତେଜନା ଖୋଜି

Digitized by srujanika@gmail.com

ସେ ଡାହାଣ ପାଖରେ ଶୋଇ ପଡୁଥିବା ଲୋକଟିକୁ କହୁଣିରେ ଆଘାତ କଲା। ଲୋକଟି କିନ୍ତୁ ପ୍ରତିକ୍ରିୟା ସ୍ୱରୂପ ଅସ୍ପଷ୍ଟ ଶବ୍ଦ କରି ତା ଉପରକୁ ଢଳି ଆହୁରି ଗଭୀର ନିଦରେ ଶୋଇଗଲା।

ସର୍ବସାଧାରଣ ନିଷ୍କ୍ରିୟ ବାତାବରଣ

ଝରକା ବାହାରକୁ ଅନାଇଲା ଜିଷ୍ଣୁ ଏବଂ ପକ୍ଷୀଟିକୁ ଖୋଜିଲା। ଲୁଚୁକାଳି ଖେଳୁଥିବା ଗଛମାନଙ୍କ ଭିତରେ କୋଉ ଡାଳରେ ନିଶ୍ଚୟ ବସିଥିବ ସେଇ ପକ୍ଷୀଟି। ବେଳେ ବେଳେ ସେ ପକ୍ଷୀଟିକୁ ଠାବ କରିବା ବେଳକୁ ଗଛଟି ଦୃଷ୍ଟି ଅଗୋଚର ହୋଇ ଯାଉଥିଲା ଏବଂ ବସ୍ ଧାଉଁଥିଲା ଦି ପାଖ ଅପନ୍ତରା ମଝିର ରାସ୍ତାରେ। ତାର ନିଜ ରହିବା ସ୍ଥାନରୁ ବାହାରି ଡାଉନ୍ ଟାଉନ୍ ଯିବା ବେଳେ ଦଶ ମିନିଟର ଖୋଲା ଅଞ୍ଚଳ କଥା ମନେ ପକାଇଲା ଜିଷ୍ଣୁ। ତା ସହିତ ତାର ମନେ ହେଲା ଯେ ସେ ବର୍ତ୍ତମାନ ଏକ ଅନ୍ୟ ଦେଶରେ ଯାଉ ନଥିଲା, ସେ ଯାଉଥିଲା ଏକ ଭିନ୍ନ ସମୟରେ ମଧ୍ୟ। ଆଖି ବନ୍ଦ କରି ସେ ଦେଖିଲା ତାର ମନର

Digitized by srujanika@gmail.com

ମନର ଆକାଶକୁ ଛାଇ ଯାଉଥିବା

ଆକାଶକୁ ଛାଇ ଯାଉଥିବା ଅନେକ ପ୍ରକାରର ପିଲାଦିନର ପକ୍ଷୀ: ବଣି, ପାରା, କାପ୍ତା, କଜଳପାତି, ଗୋବରା, ହଂସରାଳି, ଗେଣ୍ଡାଳିଆ, ଶଙ୍ଖଚିଲ, ଭଦଭଦଳିଆ, କୋଚିଲାଖାଇ, କାଠହଣା; ସେମାନଙ୍କର କିଚିରି ମିଚିରି ତାର ଏକାଗ୍ରତାକୁ ଭାଙ୍ଗି ଦେଲା। ସେ ଦେଖିଲା ଯେ ତାର ବସ୍ ବର୍ତ୍ତମାନ ରାତି ଭିତରକୁ ପଶି ଯାଉଛି।

Digitized by srujanika@gmail.com



Digitized by srujanika@gmail.com

౧

Digitized by srujanika@gmail.com

Digitized by srujanika@gmail.com

ନୟନଯୋଡ଼ିରେ ସଞ୍ଜ

ଆସନ୍ନ ଧାରାପାତର ଆଶଙ୍କା

ହାତ ଘଡ଼ି ଦେଖି ଜିଷ୍ଣୁ ଜାଣିଲା
ଯେ ପ୍ରକୃତରେ ରାତି ହେବାକୁ ଅନେକ
ସମୟ ବାକି ଥିଲା, ଆକାଶରେ କଳା
ମେଘ ଘୋଟି ରାତିର ଭ୍ରମ ଉପୁଜୁଥିଲା
ମାତ୍ର । ବସ୍ ଭିତରେ ବର୍ତ୍ତମାନ ସମସ୍ତେ
କିଛି କ୍ଲାନ୍ତିରେ ଓ କିଛି ଆସନ୍ନ
ଧାରାପାତର ଆଶଙ୍କାରେ ନିଜ ନିଜକୁ
ସଙ୍କୁଚିତ କରି ବସି ରହିଥିଲେ, ଯେପରି
କୌଣସି ପ୍ରଳୟ ପୟୋଧିର
ଅପେକ୍ଷାରେ । ବାହାରର ଅନ୍ଧାରକୁ
ଆହୁରି ଘନୀଭୂତ କରିଦେବା ପାଇଁ
ବିଜୁଳି ବର୍ତ୍ତମାନ ନିଜର ଖେଳ ଆରମ୍ଭ
କରିଦେଲା । ସେଥିରେ ତାଳ ଦେଲା
ଘଡ଼ଘଡ଼ି । ଏ ସବୁକୁ ଭ୍ରୂକ୍ଷେପ ନକରି

Digitized by srujanika@gmail.com

ବସ୍ କିନ୍ତୁ ଚାଲୁଥିଲା ବୈଦ୍ୟୁତିକ ଆଖି ଦୁଇଟିର ଦିଗ୍‌ଦର୍ଶନକୁ ଖୋଜି ନିଜର ଦୈବ ଆଡ଼କୁ।

ବାଁ ପାଖରେ ଭାଇଗ ବର୍ତ୍ତମାନ ସଜାଗ ହୋଇ ବସିଥିଲା ଏବଂ ମନପ୍ରାଣ ଦେଇ ଅନାଇଥିଲା ଝରକା ବାହାରକୁ, ଯଦିଓ ଅନ୍ଧାରରେ ଆଉ କିଛି ଦୃଶ୍ୟ ହେଉ ନଥିଲା। ତା ମୁହଁରେ ଚିନ୍ତାର କୌଣସି ଚଞ୍ଚଳତା ନଥିଲା ଏବଂ ତାକୁ ଅନାଇ ଜିଷ୍ଣୁର ସାମୟିକ ସଂଶୟ ଦୂର ହୋଇଗଲା ଓ ସେ ପୂରାପୂରି ନିରୁଦ୍‌ବେଗ ହୋଇ ପାଖ ଲୋକଟିକୁ ଆଉ ଥରେ କହୁଣିରେ ଆଘାତ କରି ତାକୁ ଅଧା ନିଦର ଅବାସ୍ତବତାରୁ ଉଠାଇବାକୁ ଉଦ୍ୟମ କରି ପୁଣି ଥରେ ବିଫଳ ହେଲା।

ସେ ବର୍ତ୍ତମାନ କଳ୍ପନା କରିବାକୁ ଚେଷ୍ଟା କଲା ଯେ ସେ ଅଧା ରାତିର ଉଡ଼ାଜାହାଜରେ ବସି କେଉଁ ବିନା ଠିକଣାର ଅଜଣାକୁ ଉଡ଼ି ଯାଉଛି। ଏ ଉଦ୍‌ଭଟ ଚିନ୍ତାଟି ଆଦୌ ଅସଂଗତ

Digitized by srujanika@gmail.com

ନଥିଲା, କାରଣ ମନପବନର ଅନେକ ସାମଞ୍ଜସ୍ୟ ଥିଲା ଅନ୍ଧାର ଭିତରେ ଗତି କରୁଥିବା ଉଡ଼ନ୍ତା ଯାନଟି ସହିତ। ଏକମାତ୍ର ବିସଦୃଶ ଥିଲା ବସ୍ ଭିତରର ପରିବେଶ, ଯାହାକୁ ଲିଭାଇ ଦେବା ପାଇଁ ନିଜର ଆଖି ବନ୍ଦ କରିଦେଲା ଜିଷ୍ଣୁ। ଏବଂ ତାର ବ୍ୟୋମଚାରୀ ଅନୁଭୂତିକୁ ସମ୍ପୂର୍ଣ୍ଣ ଭାବେ ଉପଭୋଗ କରିବା ପାଇଁ ନିଜକୁ ଆହୁରି ସହଜ କରି ବସିଲା।

ବର୍ଷା ପାଣିର ଛିଟା ଛିଟା ଆକ୍ରମଣ

କିନ୍ତୁ ଏ କଥା କ୍ଷଣସ୍ଥାୟୀ ଥିଲା କାରଣ ହଠାତ ବର୍ଷାର ତାଣ୍ଡବ ଆରମ୍ଭ ହୋଇଗଲା ଏବଂ ଜିଷ୍ଣୁ କେବେ ହେଲେ ଉଡ଼ାଜାହାଜ ଭିତରୁ ବର୍ଷାର ଦୃଶ୍ୟକୁ ଉପଭୋଗ କରିବା କଥା ମନେ ପକାଇ ପାରିଲା ନାହିଁ। ବସ୍‌ର କାଚ ଝରକା ଠିକ ଭାବେ ବନ୍ଦ ହେଉ ନଥିଲା ଏବଂ ଭାଇଗର ଶତ ଚେଷ୍ଟା ସତ୍ତ୍ୱେ ପାଣି ଛିଟିକା ଆସି ପଡ଼ିବାରେ ଲାଗିଲା ଜିଷ୍ଣୁ ଉପରେ। ବର୍ତ୍ତମାନ ବସ୍ ଭିତରେ ସମସ୍ତେ ଜାଗରୁକ ହୋଇ ନିଜ ନିଜକୁ ବର୍ଷା ପାଣିର ଛିଟା ଛିଟା ଆକ୍ରମଣରୁ

Digitized by srujanika@gmail.com

ରକ୍ଷା କରିବା ପାଇଁ ତତ୍ପର ହୋଇ ଯାଇଥିଲେ। ଏପରିକି ଜିଷ୍ଣୁର ଡାହାଣ ପାଖରେ ବସିଥିବା ଲୋକଟି ମଧ୍ୟ ନିଜର ଛାଇନିଦର ଅଳସରୁ ବାହାରି ଆସି ଲୁଗାପଟା ଭିତରେ ଖୋଜୁଥିଲା ଟିକେଟଟିକୁ ସମ୍ଭାଳି ରଖିବାର ଆହୁରି ଏକ ସୁରକ୍ଷିତ ସ୍ଥାନ।

ଆହୁରି ଏକ ସୁରକ୍ଷିତ ସ୍ଥାନ

ଡ୍ରାଇଭର ସହିତ କିଛି ବିଚାରବିମର୍ଶ ପରେ କଣ୍ଡକ୍ଟର ବସ୍ ଭିତରେ ଦୁଇଥର ଏପାଖ ସେପାଖ ପଦଚାରଣା କରି ସମସ୍ତଙ୍କୁ ଜଣାଇ ଦେଲା ଯେ ଭୟ କରିବାର କିଛି ନାହିଁ, ସବୁ ଠିକଠାକ ଅଛି ଏବଂ ଯଥା ସମୟରେ ସମସ୍ତେ ସେମାନଙ୍କ ନିଜ ନିଜ ଠିକଣା ଜାଗାରେ ନିଶ୍ଚୟ ପହଞ୍ଚିବେ। ଏହି ଘୋଷଣା ପରେ ଯେପରି ବସ୍ ପରିବାରର ଊର୍ଦ୍ଧ୍ୱଶ୍ୱାସ ଅବସ୍ଥାରେ ହଠାତ ପୂର୍ଣ୍ଣଚ୍ଛେଦ ପଡ଼ିଲା ଏବଂ ପୁଣି ଫେରି ଆସିଲା ଏକ ହାଲୁକା ପରିବେଶ। ବାଁ ପାଖକୁ ଅନାଇ ଜିଷ୍ଣୁ ଦେଖିଲା ଯେ ଭାଇଗ କିନ୍ତୁ ଏ

Digitized by srujanika@gmail.com

ଆଶ୍ୱାସନାରେ ବିଶେଷ ସନ୍ତୁଷ୍ଟ ଜଣା ପଡୁ ନଥିଲା ଏବଂ ତା ମୁହଁ ଉପରେ କୌଣସି ଅନାଗତ ବିପତ୍ତିର ଛାଇ ଘୂରି ବୁଲୁଥିବାର ଜଣାଗଲା । ଯାତ୍ରୀମାନେ କିନ୍ତୁ ଅଳ୍ପ ସମୟ ଭିତରେ ପୁଣି ସହଜ ହୋଇ ନିଜକୁ ଏଇ ଅମୋଘ ଘୋଷଣା ପାଖରେ ସମର୍ପଣ କରିଦେଲେ ।

ଅନାଗତ ବିପତ୍ତିର ଛାଇ

ଏଇପରି ଏକ ସରୁ ନଥିବା ଯାତ୍ରାର କଳ୍ପନା କରୁଥିବା ବେଳେ ହଠାତ ରାସ୍ତା ସରିଗଲା । ଅଥବା ବସ୍ ବନ୍ଦ ହୋଇଗଲା ଅଚାନକ ଭୀଷଣ ବର୍ଷା ମଝିରେ । ମେଘ ଅନ୍ଧାର ଓ ବସ୍ ଭିତରର ସ୍ପନ୍ଦିତ ଗୁଞ୍ଜନ ଦେଇ ବେଶ୍ କିଛି ସମୟ ତଳେ ଆରମ୍ଭ ହୋଇଥିବା ବର୍ଷା ମଝିରେ ହେଡ୍ ଲାଇଟ୍ ଆଲୁଅରେ ବାଟ ଖୋଜି ସେମାନେ ବର୍ତ୍ତମାନ ପହଞ୍ଚିଥିଲେ ହଠାତ ପାଣି ଭିତରେ ଉବୁଟୁବୁ ହେଉଥିବା ନୟନଯୋଡ଼ି ସାମନାରେ । ବସ୍ ଭିତରେ କିଛି ଅସ୍ୱସ୍ତି ଓ ଆଶଙ୍କାର ବାତାବରଣ ଥିଲା ଏବଂ ଭାଇଗ ବର୍ତ୍ତମାନ ସମ୍ପୂର୍ଣ୍ଣ ସଚେତ ଓ ସତର୍କ ହୋଇ ବସିଥିଲା ।

Digitized by srujanika@gmail.com

ଜିଷ୍ଣୁ କିନ୍ତୁ ନିଶ୍ଚିନ୍ତ ଥିଲା ବସ୍ ଭିତରେ
ମରି ଆସୁଥିବା ମିଞ୍ଜି ମିଞ୍ଜି ଆଲୁଅରେ
ତା'ର ନିର୍ଲିପ୍ତ ମୁହଁକୁ ଦେଖି।

ଆଲୁଅଟି ହଠାତ ଲିଭିଗଲା।
ଡ୍ରାଇଭର ନିଜର ଉଚ୍ଚାସନରୁ ଓହ୍ଲାଇ
ସେମାନଙ୍କ ଆଡ଼କୁ ଆସିଲା ଏବଂ ଜଣାଇ
ଦେଲା ଯେ ବସ୍ ଆଉ ଆଗକୁ ଯିବ
ନାହିଁ ସେମାନେ ଯେଉଁ ପର୍ଯ୍ୟନ୍ତ ଯିବା
ପାଇଁ ଟିକେଟ କାଟିଥାନ୍ତୁ ପଛେ।
ଯାତ୍ରୀମାନଙ୍କ ଭିତରେ ଏକ ତୀବ୍ର
ପ୍ରତିବାଦର କଳରବ ହେଲା କିନ୍ତୁ
ଡ୍ରାଇଭର ତାର ନିଷ୍ପତ୍ତିରେ ଅଟଳ ଥିଲା।
ଜିଷ୍ଣୁ ଗ୍ରହଣ କରିନେଲା ଯେ କମ୍ପାନୀ
ଆଖିରେ ଏ ଏକ ଦୈବ ଦୁର୍ବିପାକ।
ସମର୍ଥନ ପାଇଁ ସେ ବାଁ ପାଖକୁ
ଅନାଇଲା। ଝରକା ବାହାର ଅଦୃଶ୍ୟ
ଭିତରୁ ଶକୁନ ଖୋଜି ଭାଇଗ ନିର୍ଭର
ଦେଲା ଯେ ଅଳ୍ପ ସମୟରେ ବର୍ଷା
ଛାଡ଼ିଯିବ।

ତୀବ୍ର ପ୍ରତିବାଦର କଳରବ

ଏବଂ ସତକୁ ସତ କିଛିକ୍ଷଣ ପରେ
ଛାତ ଉପରେ ସଙ୍ଗୀତର ଶେଷ ମୂର୍ଚ୍ଛନା

Digitized by srujanika@gmail.com

ଭଳି ଧାରାପାତ ଧୀରେ ଧୀରେ ବନ୍ଦ ହୋଇଗଲା ଏବଂ ଏଇମାତ୍ର ତର୍କବିତର୍କ କରୁଥିବା ସମୁଦାୟଟି ଚୁପଚାପ ଓହ୍ଲାଇଗଲା ବସ୍ ଭିତରୁ। ସାମନା ରାସ୍ତାକୁ ଦି ଭାଗ କରି ଏକ ଜାନୁଗଭୀର ଜଳସ୍ରୋତ ତୀବ୍ର ଗତିରେ ଡାହାଣରୁ ବାଁ ଆଡ଼କୁ ଚାଲି ଯାଉଥିଲା ଏବଂ ଯାତ୍ରୀମାନେ ଡ୍ରାଇଭରକୁ ତା ଉପର ଦେଇ ବସ୍ ଚଳାଇବାକୁ ବାଧ ନ କରିଥିବାରୁ ନିଜକୁ ବାହାବା ଦେଉଥିଲେ। ଜିଷ୍ଣୁର ହାତ ଧରି ଭାଇଗ ତାକୁ ସାମାନ୍ୟ ଫରଚା ରାସ୍ତା ଉପରକୁ ଓହ୍ଲାଇ ଦେଲା ଓ ବହି ଯାଉଥିବା ନାଳ ପାଖରେ ଗୋଟିଏ ଉଚ୍ଚା ପଥର ବେଦି ଉପରେ ତାକୁ ବସାଇ ନିଜେ ଆଉ ଗୋଟିଏ ପଥର ଉପରେ ବସିଗଲା।

ଭାସି ଯାଉଥିବା କୁଟା କାଠି

ନିଦ ଲାଗି ଆସୁଥିବା ଆଖିକୁ ସହଜ କରି ନୟନଯୋଡ଼ି ଆଡ଼କୁ ଅନାଇଲା ଜିଷ୍ଣୁ। ସ୍ରୋତ ବେଶ୍ ପ୍ରଖର ଥିଲା ଓ ସେଥିରେ ଭାସି ଯାଉଥିବା କୁଟା କାଠି ଭିତରେ ସେ କିଛି ଜୀବଜନ୍ତୁ ବି ଦେଖି

Digitized by srujanika@gmail.com

ତାଳ ଲୟ ଦେଇ ଆଗକୁ

ପାରିଲା। କିନ୍ତୁ ତାକୁ ଯେଉଁ ଦୃଶ୍ୟଟି ଆକର୍ଷଣ କଲା ସେଇଟି ଥିଲା ବାଁ ପାଖରୁ ଗୋଟିଏ ଗୁଣ୍ଡୁଚି ମୂଷା ଓ ତା ପଛରେ ଛୋଟ ଛୋଟ ଜୀବ ଧାଡ଼ି ବାନ୍ଧି ନୟନଯୋଡ଼ି କଡ଼େ କଡ଼େ ଡାହାଣକୁ ଯାଉଥିବାର ଦୃଶ୍ୟ। କିନ୍ତୁ ଏହି ଧାଡ଼ିଏ ଜନ୍ତୁଙ୍କ ଭିତରେ ଏଣ୍ଡୁଅ ଗୋଧି ନେଉଳ ମୂଷା କଇଁଛ ବେଙ୍ଗ ଚୁଚୁନ୍ଦ୍ରାଙ୍କୁ ଠାବ କଲା। ଆହୁରି ଭଲ ଭାବେ ଦେଖିବାରୁ ଜଣାଗଲା ଯେ ଗୁଣ୍ଡୁଚି ମୂଷା ଦି ଗୋଡ଼ରେ ଚାଲୁଥିଲା। ଏବଂ ତା ଛାତିରେ ଗୋଟିଏ ଛୋଟ ଢୋଲ ଝୁଲୁଥିଲା ଓ ଦିହାତରେ କାଠି ଧରି ସେ ତାକୁ ପିଟୁଥିଲା। ଅର୍ଥାତ୍ ମିଲିଟାରି ବ୍ୟାଣ୍ଡ ବାଗରେ ସେ ତା ପଛରେ ଚାଲୁଥିବା ଦଳଟିକୁ ତାଳ ଲୟ ଦେଇ ଆଗକୁ ନେଉଥିଲା। ରାସ୍ତା ସେ ପାଖରେ ପହଞ୍ଚିବା ପରେ ଜନ୍ତୁମାନେ ରାସ୍ତା ତଳକୁ ଓହ୍ଲାଇଗଲେ କିନ୍ତୁ ଗୁଣ୍ଡୁଚି ମୂଷା ପୁଣି ପୂର୍ବ ଜାଗାକୁ ଫେରିଗଲା। ଏଥରକ ତା ପଛରେ ଯେଉଁ ଦଳଟି ଥିଲେ,

Digitized by srujanika@gmail.com

ସେଇଟି ଆଉ ଟିକିଏ ବଡ଼ ଜନ୍ତୁଙ୍କର ଥିଲା, ଯଥା ବିରାଡ଼ି, କଟାସ, ଓଧ, ବିଲୁଆ, କୁକୁର ଓ ଶିଆଳ। ସେମାନଙ୍କୁ ରାସ୍ତା ପାରି କରାଇ ଗୁଣ୍ଡୁଚି ଏଥରକ ଯେଉଁ ଦଳକୁ ନେଲା, ସେଥିରେ ଥିଲେ ଛେଳି, ମେଣ୍ଢା, ହରିଣ ଓ କୁଟୁରା। ଗୁଣ୍ଡୁଚି ପଛରେ ଯେଉଁ ଶେଷ ଦଳଟି ଗଲେ ସେଥିରେ ଥିଲେ ବାରସିଂଘା, ଗଣ୍ଡା, ଜଳହସ୍ତୀ, ନୀଳଗାଈ, ଜେବ୍ରା, ଜିରାଫ, କଙ୍ଗାରୁ ଏବଂ ସବା ପଛରେ ଏକ ବିରାଟ ଜନ୍ତୁ ଯାହାକୁ ଜିଷ୍ଣୁ ଚିହ୍ନି ପାରିଲା ନାହିଁ। ଏହି ଶେଷଥର ଗୁଣ୍ଡୁଚି ମଧ୍ୟ ସେମାନଙ୍କ ସହିତ ରାସ୍ତା ତଳକୁ ଓହ୍ଲାଇ ଅଦୃଶ୍ୟ ହୋଇଗଲା ଓ ଜିଷ୍ଣୁ ଆଖି ଖୋଲିଲା।

ପାଣିର ମାତ୍ରା ଓ ସ୍ରୋତର ବେଗ

ବର୍ତ୍ତମାନ ନୟନଯୋଡ଼ିର ପାଣିର ମାତ୍ରା ଓ ସ୍ରୋତର ବେଗ କମିବାରେ ଲାଗିଥିଲା। ଭାଇଗ କହିଲା ଏଥର ଚାଲ, ଯଦିଓ ଏ ପର୍ଯ୍ୟନ୍ତ ପାଣି ବନ୍ଦ ହୋଇ ନଥିଲା। ଜିଷ୍ଣୁ ଖୁସି ହେଲା ଯେ ବାହାରିବା ଆଗରୁ ଭାଇଗର

Digitized by srujanika@gmail.com

ପରାମର୍ଶରେ ସେ ତାର ପୋଷାକ ବଦଳାଇ ଦେଇଥିଲା। ବର୍ତ୍ତମାନ ଭାଇଗର ହାୱାଇ ଚପଲ ଓ ଧୋତି ଆଉ ଜିଷ୍ଣୁର ସ୍ନିକର ଓ ଜିନ୍‌ସ ଛପ ଛପ କରି ନୟନଯୋଡ଼ି ପାଖକୁ ଗଲେ। ଆକାଶର ଲିଭି ଆସୁଥିବା ମ୍ରିୟମାଣ ଆଲୁଅ ଯଥେଷ୍ଟ ଥିଲା ସେମାନଙ୍କୁ ବାଟ ଦେଖାଇବା ପାଇଁ। ଏପାଖେ ସେପାଖେ ଦଳ ବାନ୍ଧି ଜମା ହୋଇଥିବା ସହଯାତ୍ରୀମାନେ ମଧ୍ୟ ସାହସ କରି ନୟନଯୋଡ଼ି ପାରି ହେବାକୁ ବାହାରିଲେ।

ପାଣି ଭିତରକୁ ସନ୍ଦିଗ୍ଧ ପାଦ

ନୟନଯୋଡ଼ି ପାଖରେ ପହଞ୍ଚି ଭାଇଗ ତାର ଚପଲ ଖୋଲି ହାତରେ ଧରିଲା ଓ ଧୋତିକୁ ଆଣ୍ଠୁ ଉପରକୁ ଉଠାଇଲା। ଜିଷ୍ଣୁ ମଧ୍ୟ ତଦ୍ରୂପ ହୋଇ ପାଣି ଭିତରକୁ ସନ୍ଦିଗ୍ଧ ପାଦ ବଢ଼ାଇଲା। ପାଣି ଆଦୌ ଥଣ୍ଡା ନଥିଲା ଏବଂ ଏପରି ଏକ ଆନନ୍ଦଦାୟକ ଜଳବିହାର ସ୍ୱାଭାବିକ ମନେହେଲା ତାକୁ।

ନୟନଯୋଡ଼ି ପାରି ହୋଇ ଓଦା ମାଟି ଉପରେ ପାଦ ଦେବା ବେଳକୁ

Digitized by srujanika@gmail.com

ଆଲୁଅ ଆହୁରି ସଙ୍କୁଚିତ ହୋଇଯାଇଥିଲା ଏବଂ କିଛି ଦୂରରେ ଆଲୁଅର ବୃତ୍ତଟି ସରି ଯାଇ ତା ଆଗକୁ କେବଳ ଅଜଣା ଅନ୍ଧାର ଥିଲା। ଭାଇଗ ଏଥର ଲମ୍ବା ଲମ୍ବା ପାଦ ପକାଉଥିଲା ନିଜର ସହଯାତ୍ରୀମାନଙ୍କୁ ପଛରେ ପକାଇ ଆଗକୁ ଚାଲିଯିବା ପାଇଁ ଏବଂ ଜିଷ୍ଣୁ ମଧ୍ୟ ତା ପାଦରେ ପାଦ ପକାଇ ନିଜର ଚାଲିକୁ ଆହୁରି ଚଞ୍ଚଳ କରିଦେଲା। ଅଳ୍ପ ସମୟ ଭିତରେ ସେମାନେ ନିଜକୁ ମନପବନ ପରିବାରରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ କରିଦେଲେ ଏବଂ ଘେରି ଆସୁଥିବା ଅନ୍ଧାର ଭିତରେ ଆଉ ସମସ୍ତେ କିଏ କୁଆଡ଼େ ନିଶ୍ଚିହ୍ନ ହୋଇଗଲେ ଏକ ଦୁଃସ୍ୱପ୍ନ ଭଳି। ବର୍ତ୍ତମାନ ମୁହଁ ଅନ୍ଧାରର ସ୍ୱଚ୍ଛ ପୃଥିବୀରେ ଅଧିବାସୀ ଥିଲେ କେବଳ ଦୁଇଜଣ, ଭାଇଗ ଓ ସେ।

ମୁହଁ ଅନ୍ଧାରର ସ୍ୱଚ୍ଛ ପୃଥିବୀ

ଏତେବେଳେ ଭାଇଗ ଗୁଣୁ ଗୁଣୁ କରି ଗୀତ ଗାଇବା ଆରମ୍ଭ କଲା। ଜିଷ୍ଣୁ କ୍ଷଣକ ପାଇଁ ଚମକି ପଡ଼ିଲା କାରଣ ଏଇଟି ଥିଲା ତାର ମନ ଭିତରକୁ

Digitized by srujanika@gmail.com

ଆସୁଥିବା କେଉଁ ପୁରୁଣା ଗୀତର ଧ୍ୱନିର ପ୍ରତିଧ୍ୱନି । ତାର ମନେହେଲା ଯେପରିକି ବାହାରେ ଆଉ କୌଣସି ସ୍ୱର ଶବ୍ଦ ନାହିଁ, ତାର ମନ ଭିତରର ସଙ୍ଗୀତ ହିଁ ଶରୀର ନେଇ ତା ବାହାରେ ଖେଳି ବୁଲୁଛି ଏବଂ ସେମାନେ ଦୁହେଁ ସେଇ ସଙ୍ଗୀତର ତାଳରେ ପାଦ ଦେଇ ଆଗକୁ ଯାଉଛନ୍ତି । କେତେବେଳେ ମୃଦୁ ମନ୍ଦ ତ କେତେବେଳେ ତୀବ୍ର ମାଧ୍ୟମ ଡାହାଣ ବାଁ ଡାହାଣ ବାଁ ଡାହାଣ ।

ନିର୍ବୋଧତା ଜନିତ ଆତ୍ମ ତିରସ୍କାର

ସେମାନେ ବର୍ତ୍ତମାନ ଜଙ୍ଗଲ ରାସ୍ତାରେ ଚାଲୁଥିଲେ । ଏ ଭଳି ପରିସ୍ଥିତିରେ ତା'ର ମନକୁ ଆସିବା ଉଚିତ ଥିଲା ବିରକ୍ତି ଓ ଅସ୍ୱସ୍ତି ଓ ଭାଇଗ ଭଳି ଜଣେ ଅଜଣା ଇତର ଗ୍ରାମ୍ୟ ଲୋକ ପାଖରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରି ଦେଇଥିବା ନିର୍ବୋଧତା ଜନିତ ଆତ୍ମ ତିରସ୍କାରର ଇଚ୍ଛା । ସେ କିନ୍ତୁ ପାଦରୁ ପାଦ ପକାଇବା ବ୍ୟତୀତ ଆଉ କିଛି ଭାବି ପାରୁନଥିଲା । ତାକୁ ଏ କଥା ମଧ୍ୟ ଜଣା ନଥିଲା ସେମାନେ କେଉଁଠିକି

Digitized by srujanika@gmail.com

ଯାଉଛନ୍ତି ଓ ରାତି କଟାଇବେ କେଉଁଠାରେ। ଭାଇଗଙ୍କୁ ଏ କଥା ପଚାରିବା ପାଇଁ ସେ ମୁହଁ ଉଠାଇ ବାଁ ପାଖକୁ ଅନାଇଲା। କିନ୍ତୁ ସେଠାରେ କେହି ନଥିଲେ। କାଉର ଥଣ୍ଟ ଓ କୋଇଲିର ବେଣ୍ଟ ନଥିବା ଅଗନା ଅଗନି ଅରଣ୍ୟର ଏକାନ୍ତରେ ସେ ଏକା ଠିଆ ହୋଇଥିଲା। ହଠାତ ଛାତିରେ ଛନକା ପଶିଲା। ସେ ଚାରିପାଖର ନିରାଲୋକ ଅଜ୍ଞାତ ଆଡ଼କୁ ଆଖି ବୁଲାଇଲା।

ଚାରିପାଖର ନିରାଲୋକ ଅଜ୍ଞାତ

ବନସ୍ପତି କିନ୍ତୁ ତା ପାଇଁ ଅଚିହ୍ନା ନଥିଲା; ସେ ଛିଡ଼ା ହୋଇଥିଲା ତାଙ୍କ ଗାଁରୁ ହାଟକୁ ଯାଉଥିବା ରାସ୍ତାରେ ପଡୁଥିବା ପିଲାଦିନର କାନ୍ତାର ତୋଟାରେ। ଭୟରେ ସେ ଆଖି ବନ୍ଦ କରିନେଲା। ଛାତି ଭିତରେ ବର୍ତ୍ତମାନ ହୃତ୍‌ପିଣ୍ଡ ହାତୁଡ଼ି ପିଟୁଥିଲା। ସକାଳ ହେଉ ଖରାବେଳ ହେଉ, କେବେହେଲେ ସେ ଏକା ଏକା ଏଇ ତୋଟା ପାରି ହୋଇଥିବାର ତାକୁ ମନେ ପଡ଼ିଲା ନାହିଁ।

Digitized by srujanika@gmail.com

ରାତିରେ ସେ କେବେହେଲେ ଏ ରାସ୍ତା ଦେଇ ଯିବାକୁ ରାଜି ହେଉନଥିଲା। କେବଳ ଥରେ ତାକୁ ରାତିରେ ଯିବାକୁ ପଡ଼ିଥିଲା, ଯେଉଁଦିନ ପାଖ ଗାଁରୁ ଯାତ୍ରା ଦେଖି ସେମାନେ ଘରକୁ ଫେରୁଥିଲେ। ସାଙ୍ଗରେ ଗାଁର ଅନେକ ଲୋକ ଥିଲେ, ତଥାପି ସେ ଯିବାକୁ ରାଜି ହେଲାନାହିଁ। ଶେଷରେ ତାର ଜଣେ ମାମୁ ତାକୁ କାନ୍ଧରେ ବସାଇ ନେଇ ଯାଇଥିଲେ। ତେବେ ତୋଟା ପାରି ହେବା ଯାଏ ସେ ଆଖି ଖୋଲି ନଥିଲା। ତାକୁ ଥଟ୍ଟାରେ ତାର ସାଙ୍ଗମାନେ ମଝିରେ ମଝିରେ ତାରି କଥାକୁ ମନେପକାଇ ଦେଇ କହୁଥିଲେ, ମାମୁ, କଣ ତୋଟା ସରିଲାଣି ?

ସ୍ଥାଣୁଭୂତ ମୁରାରୀ

ଅନ୍ୟ ସମୟ ଓ ପରିସ୍ଥିତିରେ ଏ କଥାକୁ ମନେ ପକାଇ ସେ ବେଦମ ହସି ପାରିଥାନ୍ତା। ବର୍ତ୍ତମାନ କିନ୍ତୁ ଭୟରେ ଦେହରୁ ଝାଳ ବୋହିବା ଆରମ୍ଭ ହୋଇଯାଇଥିଲା। ତାର ପାଦ ଆଗକୁ ଯାଉ ନଥିଲା ଏବଂ ସେ ହୋଇ ଯାଇଥିଲା

Digitized by srujanika@gmail.com

ସ୍ଥାଣୁଭୂତ ମୁରାରୀ। ଭାଇଗର ଅଦୃଶ୍ୟ ହୋଇଯିବା ଅଳ୍ପ ସମୟର ଥିଲା କିନ୍ତୁ ତାର ମନେ ହେଲା ସେ ଯେପରି କାଳକାଳ ଧରି ଠିଆ ହୋଇ ରହିଛି ଅମାରାତିର ନିର୍ଜନ ଦ୍ୱୀପରେ, ପ୍ରାଗୈତିହାସିକ ଜୀବଜନ୍ତୁଙ୍କ ଗହଣରେ ସୃଷ୍ଟିର ପ୍ରଥମ ସୂର୍ଯ୍ୟୋଦୟକୁ ଅପେକ୍ଷା କରି। ଏପରି ଅପେକ୍ଷା ଯାହାର ସମୟକାଳ ନିୟୁତ ନିୟୁତ ବର୍ଷ।

ଅମାରାତିର ନିର୍ଜନ ଦ୍ୱୀପ

ଅଳ୍ପ ଦୂରରେ ତଳେ ପଡ଼ିଥିବା ଅମୂର୍ତ୍ତ ଆକାରଟି ସଚଳ ହେଲା ଓ ଉଚ୍ଚକୁ ଉଠିଲା ଏବଂ ତା ଆଡ଼କୁ ଆସିବା ଭଳି ଜଣାଗଲା। ତାର ଛାତି ଭିତରୁ ଏକ ଚିତ୍କାର ଆସି ତଣ୍ଟି ପାଖରେ ପହଞ୍ଚିଲା, କିନ୍ତୁ ତାକୁ ଉଚ୍ଚାରଣ କରିବା ପୂର୍ବରୁ ଆକାରଟି ଭାଇଗର ସ୍ୱରରେ କହିଲା, ମୁଁ ଟିକେ ମୁତିବାକୁ ଯାଇଥିଲି।

ସଂସାର ପୁଣି ହଠାତ ସନ୍ତୁଳିତ ହୋଇଗଲା, ଜିଷ୍ଣୁ ଛାତିରେ ଛେପ ପକାଇବାରୁ ନିଜକୁ ବିରତ କଲା ଏବଂ ଦୁହେଁ ପୁରୁଣା ତାଳରେ ପାଦ ପକାଇ

Digitized by srujanika@gmail.com

ଅଗକୁ ଚାଲିଲେ। ଜିଷ୍ଣୁର ମନେପଡ଼ିଲା ଜେନ୍ ଓ ସେ ବିଭିନ୍ନ ପ୍ରକାରର ମାରାଥନରେ ଭାଗ ନେଉଥିବା କଥା। ଅତି ସକାଳୁ ଗାଡ଼ି ନେଇ ଯାଇ ଯାତ୍ରା ଆରମ୍ଭ ଜାଗାରେ ଶହ ଶହ ଲୋକଙ୍କ ସହିତ ମିଶି ସେମାନେ ଚାଲୁଥିଲେ। ପ୍ରଥମ ପ୍ରଥମର ଉତ୍ତେଜନା ଆସ୍ତେ ଆସ୍ତେ କ୍ଲାନ୍ତିରେ ପହଞ୍ଚୁଥିଲା ଏବଂ ଶେଷ ବେଳକୁ କେବଳ ଗୋଟିଏ ମାତ୍ର ଚିନ୍ତା ରହୁଥିଲା, ଘରେ ଯାଇ କେମିତି ବିଛଣାରେ ପଡ଼ିଯିବ।

ସଘନ ପ୍ରଶାନ୍ତିର ଆର୍ଦ୍ରତା

ଜେନ୍ କଥା ମନେପଡ଼ିଲେ ତାର ମନ ଏକ ସଘନ ପ୍ରଶାନ୍ତିର ଆର୍ଦ୍ରତାରେ ଭରି ଯାଉଥିଲା। ସେ ବିଶ୍ୱାସ କରି ପାରୁନଥିଲା ଏତେ ସୁଖ ମଣିଷ ପାଇଁ ସମ୍ଭବ ବୋଲି। କେବେ କେବେ ଜେନ୍ ସହିତ ଘନିଷ୍ଠ ସମୟ କଟାଉଥିବା ବେଳେ ତାର ଇଚ୍ଛା ହେଉଥିଲା ଯଦି ସେଇ ମୁହୂର୍ତ୍ତରେ ତାର ଜୀବନ ସମାପ୍ତ ହୋଇଯାନ୍ତା, ସେ ଜାଣି ପାରନ୍ତା ଯେ ସେ ଏକ ସଫଳ ସମ୍ପନ୍ନ ଓ ସମ୍ପୂର୍ଣ୍ଣ

Digitized by srujanika@gmail.com

ଜୀବନକାଳ ଜୀଇଁଛି ଏବଂ ତା ପରେ ଆଉ ସବୁ କିଛି ଅସାର ଓ ମୂଲ୍ୟହୀନ।

ଏତେବେଳେ ଜେନ୍ କଣ କରୁଥିବ ଭାବିବାକୁ ଚିନ୍ତା କଲା ଜିଷ୍ଣୁ। ସକାଳେ ଜେନ୍ ବିଛଣାରେ ଶୋଇଥିବ। ବିଛଣା କଥାରୁ ତାକୁ ଜେନ୍‌ର ଦେହ କଥା ମନେ ପଡ଼ିଲା। ଏଇ ଦେହଟିର ପ୍ରତ୍ୟେକଟି କ୍ଷେତ୍ର କନ୍ଦି ବିକନ୍ଦି ତାର ଅତି ପରିଚିତ। ଦେହର କେଉଁ ଅଂଶର କେଉଁ ନିର୍ଦ୍ଦିଷ୍ଟ ବିନ୍ଦୁରେ କି ପ୍ରକାରର ସ୍ପର୍ଶକାତରତା ଅଛି, ତାର ସମ୍ପୂର୍ଣ୍ଣ ବିବରଣୀ ତାକୁ ଜଣା, ସଙ୍ଗୀତଜ୍ଞର ବାଦ୍ୟ ଯନ୍ତ୍ରରେ ଥିବା ପ୍ରତିଟି ତାରରେ ଥିବା ସ୍ୱରର ଜ୍ଞାନ ଭଳି। କେଉଁ ମଣ୍ଡଳର କେତେ ପରିମିତିକୁ କିଭଳି ଛୁଇଁଲେ କେଉଁ ପ୍ରତିକ୍ରିୟା ଉପୁଜିବ ସେ କଥା ତାର ମନର ଗହୀରରେ ଲିପିବଦ୍ଧ। ବର୍ତ୍ତମାନ କେବଳ ସେଇ ସୁପ୍ତ ସୁଷୁମ୍ନାର କୁଣ୍ଡଳିନୀକୁ ଜାଗ୍ରତ କରିବାର ଅମୋଘ ଇଚ୍ଛା ଓ ଅପେକ୍ଷା। ଚେଷ୍ଟା କରି ସେ ନିଜକୁ ସ୍ମରଣର ଏପରି ଏକ ଆମୋଦିତ ଯୂପକାଠରୁ ମୁକ୍ତ କରିନେଲା ଏବଂ

ପ୍ରତିଟି ତାରରେ ଥିବା
ସ୍ୱରର ଜ୍ଞାନ

Digitized by srujanika@gmail.com

ଭାଇଗକୁ ପଚାରିଲା, ଆମେ ଏଇନା ଯାଉଛେ କୁଆଡ଼େ ?

ଏ କଥାର ଉତ୍ତର ନଦେଇ ଭାଇଗ ଉପରକୁ ହାତ ଉଠାଇ ଗଛ ଆଡ଼କୁ ଦେଖାଇଲା, କହିଲା ଉଡ଼ନ୍ତା ନାଗ !

ସେ ଯେତିକ ଦେଖି ପାରିଲା ଭଳି ମନେ ହେଲା ତା ଥିଲା ଦୁଇଟି ଗଛ ମଝିରେ ଗୋଟିଏ ଆକାର ଭାସି ଯିବାର ଦୃଶ୍ୟ, ଯାହା ହୋଇଥାଇପାରେ ବାଦୁଡ଼ି ବା ଚେମେଣି କିମ୍ବା ହୁଏତ ତାର ଦୃଷ୍ଟି ଅଥବା ମସ୍ତିଷ୍କର ବିଭ୍ରମ। ନିଜକୁ ସଚେତନ କରି ସେ ଭାଇଗକୁ ପଚାରିଲା, ଉଡ଼ନ୍ତା ନାଗ ? ଉଡ଼ନ୍ତା ନାଗ ସାପ ?

ଉଡ଼ନ୍ତା ନାଗ ସାପ

ଭାଇଗ ତାକୁ ଯେଉଁ ଅସମ୍ଭବ ବିବରଣୀ ଦେଲା, ତା ଏପରି:

ନାଗସାପ ଶହେ ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରେ। ବୟସ ବଢିଲେ ସେ ଆଉ କୁଆଡ଼େ ଯାଇ ନପାରି ଘଞ୍ଚ କିଆ ବୁଦା ମୂଳରେ ରହିଯାଏ। ସେଇ କିଆ ବୁଦାର ଚାରିପାଖ ଅରୁଆ ଚାଉଳ ବାସନାରେ ଭରିଯାଏ। ଏଇ ସମୟରେ ତାର ଲାଞ୍ଜଟି

Digitized by srujanika@gmail.com

ଛିଣ୍ଡିବାକୁ ଆରମ୍ଭ କରେ ଏବଂ ତା ସହିତ ତାର ଉପର ଭାଗରେ ପର ଗଜୁରେ। ନାଗ ଆସ୍ତେ ଆସ୍ତେ କିଆମୂଳରୁ ବାହାରି ଖଣ୍ଡିଉଡ଼ା ଦେବା ଶିଖେ। ପରେ ତାର ପର ଶକ୍ତ ହୋଇଗଲେ ସେ ଆଉ ଟିକିଏ ଉପରକୁ ଉଡ଼େ ଏବଂ ସହଜରେ ଗଛ ଡାଳରୁ ଗଛ ଡାଳକୁ ଉଡ଼ି ଯାଇପାରେ। ଏ ଅବସ୍ଥାରେ ତାକୁ ଆଉ ମୂଷା ଚୁଚୁନ୍ଦ୍ରାଙ୍କ ଉପରେ ନିର୍ଭର ନକରି ଚଢେଇଙ୍କ ବସାରୁ ଅଣ୍ଡା ଖାଇବାକୁ ସୁବିଧା ମିଳେ।

ଅନ୍ୟ ସମୟରେ ଜିଷ୍ଣୁ ଏସବୁ କଥାକୁ ଗୁଲିଖୋରି ବୋଲି ଉଡ଼ାଇ ଦେଇଥାନ୍ତା। କିନ୍ତୁ ବର୍ତ୍ତମାନ କାନ୍ତାର ତୋଟାର ଆଖ ପାଖରେ ମାଛି ଅନ୍ଧାରରେ ଇହ ଓ ପରର ଘଡ଼ିସନ୍ଧି ଭିତରେ ଛିଡ଼ା ହୋଇ ସେ କିଛି ବି ବିଶ୍ୱାସ କରିବାକୁ ପ୍ରସ୍ତୁତ ଥିଲା ଏବଂ ଭାଇଗର ପ୍ରାଣୀତତ୍ତ୍ୱ ତାକୁ ଆଦୌ ଅବିଶ୍ୱାସ୍ୟ ବୋଧ ହେଲାନାହିଁ। ବରଂ ସେ ପିଲାଦିନକୁ ଫେରିଯାଇ ଅରୁଆ ଚାଉଳର

ଇହ ଓ ପରର ଘଡ଼ିସନ୍ଧି

Digitized by srujanika@gmail.com

ବାସନାକୁ ଆଘ୍ରାଣ କରିବାକୁ ଚେଷ୍ଟା କଲା ।

ତାର ଯୁକ୍ତି ସମ୍ବଳ ମନ ଭିତରକୁ ବର୍ତ୍ତମାନ ସବୁ ସନ୍ଦିଗ୍ଧ ଜୀବଜନ୍ତୁ ଧସି ପଶିଆସିଲେ, ଯଥା ହିମାଳୟର ୟେତି, ନେସ୍ ଉପସାଗରର ଜଳ ଦାନବ, କୋକମିନା, ବ୍ରହ୍ମରାକ୍ଷସ ଓ ତିମିଙ୍ଗିଳ । ସମସ୍ତେ ସମ୍ଭବ ଥିଲେ ବର୍ତ୍ତମାନର ତା'ର ଏଇ ଅଦ୍‌ଭୁତ ଅବସ୍ଥିତି ଭଳି, ଡାହାଣୀ ଆଲୁଅ ଭଳି, ଖଣ୍ଡିଆ ଭୂତ ଭଳି, ଖରା ନାଚ ଭଳି । ଏଭଳି ଏକ ଅଲୌକିକ ଭୂଭାଗରେ ମଣିଷ ହିଁ ଥିଲା ଏକ ଆଶ୍ଚର୍ଯ୍ୟ ଜୀବ ।

ଅଲୌକିକ ଭୂଭାଗରେ ମଣିଷ

ଜିଷ୍ଣୁ ଏଥରକ ଭାଇଗର ଡେଣାକୁ ଜୋରରେ ଧରିଲା, ତାର ଭୟ ଚାଲିଗଲା ଏବଂ ଦୁହେଁ ଆଗକୁ ଚାଲିବାରେ ଲାଗିଲେ । ତାକୁ ଆଉ କ୍ଳାନ୍ତ ଲାଗୁ ନଥିଲା ଯେପରିକି ଅନ୍ୟ ଲୋକଟି ତାର ଜିନିଷର ବୁଜୁଲା ସହିତ ତାର ସମସ୍ତ ଦାୟିତ୍ୱ ନିଜ ଉପରକୁ ନେଇ ଯାଇଛି । ସେମାନେ କୁଆଡ଼େ ଯାଉଛନ୍ତି

Digitized by srujanika@gmail.com

ଏବଂ ରାତି କୋଉଠି କଟାଇବେ ସେ
ଚିନ୍ତାକୁ ଭାଇଗ ଉପରେ ଛାଡ଼ି ଦେଇ
ସମ୍ପୂର୍ଣ୍ଣ ରୂପେ ସଂସାରମୁକ୍ତ ହୋଇଗଲା ।

ହଠାତ ଦୂରରେ ମିଞ୍ଜି ମିଞ୍ଜି
ଡାହାଣୀ ଆଲୁଅ ଦେଖାଗଲା । ଭାଇଗ
ଟିକିଏ ଜୋରରେ ଆଗକୁ ପାଦ
ପକାଇଲା । ରାସ୍ତାରେ ଟିକିଏ ଉଠାଣି
ପାରି ହୋଇ ଭଙ୍ଗା ଲୁହା ଫାଟକ ଦେଇ
ସେମାନେ ଯେଉଁ ଘରଟି ଆଗରେ ଠିଆ
ହୋଇଥିଲେ ତାକୁ ଚିହ୍ନିବାରେ ଆଦୌ
କଷ୍ଟ ହେଲା ନାହିଁ ଜିଷ୍ଟୁର ।

ସମ୍ପୂର୍ଣ୍ଣ ରୂପେ ସଂସାରମୁକ୍ତ

Digitized by srujanika@gmail.com



Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ଡାକବଙ୍ଗଳାରେ ରାତି

ଖୋଲା ଲୁହା ଫାଟକ ଦେଇ ଯେଉଁ
ଘରଟି ଦେଖା ଯାଉଥିଲା ସେଇଟି ଅତି
ଜଣାଶୁଣା ଓ ନିଜର ମନେହେଲା ଜିଷ୍ଣୁର ।
ସେ ସହଜରେ ଯାଇ ତାର ଦୀର୍ଘ
ବାରଣ୍ଡାରେ ପଡ଼ିଥିବା ଚଉକି ଉପରେ
ବସିଲା ଏବଂ ତା ପାଦ ପାଖରେ
ବୁଜୁଳାଟିକୁ ରଖି ଦେଇ ଭାଇଗ ଘର
ଭିତରକୁ ଗଲା । ଅସମ୍ଭବ କ୍ଲାନ୍ତି ସତ୍ତ୍ୱେ
ନିଜକୁ ସମ୍ପୂର୍ଣ୍ଣଭାବେ ପରିପୂର୍ଣ୍ଣ ମନେ କଲା
ଜିଷ୍ଣୁ, ଏଇ ଜାଗାଟି ଯେପରି ଥିଲା ତାର
ଯାତ୍ରାର ପ୍ରଥମ ପାଦ ।

ଯାତ୍ରାର ପ୍ରଥମ ପାଦ

ଭାଇଗର 'ଭାଇନା, ଉଠ'
ଡାକରେ ଜିଷ୍ଣୁର ଅଧା ନିଦ ଭାଙ୍ଗିଗଲା ।
ଭାଇଗ ତାର ବୁଜୁଳାକୁ ଧରି ଠିଆ

Digitized by srujanika@gmail.com

ହୋଇଥିଲା । ପାଖ କବାଟଟି ବର୍ତ୍ତମାନ ଖୋଲାଥିଲା ଓ ଭାଇଗ ପଛେ ପଛେ ଜିଷ୍ଣୁ ତା ଭିତରକୁ ପଶିଲା । କୋଠରୀଟି ଖାଲି ଥିଲା ଓ ନୂଆ ହୋଇ ଧଉଳା ହୋଇଥିବାର ମିଶାମିଶି ଉଷ୍ମତା ଓ ଆର୍ଦ୍ରତାରେ ଆତ୍ମୀୟତା ଥିଲା । ମୁଣ୍ଡ ଉପରେ ଜଳୁଥିବା ବିଜୁଳି ବତୀ ଥିଲା ଆରାମଦାୟକ ଓ ଆଶ୍ୱାସନା ଭରା । ବାଥରୁମର କବାଟ ଖୋଲି ଭିତରକୁ ଯାଇ ଜିଷ୍ଣୁ ଦେଖିଲା ସବୁ କିଛି ନୂଆ ଚକଚକ ଏବଂ ଅବ୍ୟବହୃତ । ପୁରୁଣା ଡାକବଙ୍ଗଳାକୁ ଭାଙ୍ଗି ପୁଣି ନୂଆ ତିଆରି ହୋଇଥିବା ସବୁ କିଛି, ଏବଂ ଏ ପର୍ଯ୍ୟନ୍ତ କେହି ଆସି ରହି ନ ଥିବାର ସମୟ । ଏ ଭଳି ମଫସଲ ଜାଗାରେ ଏହାଠାରୁ ଅଧିକ କଣ ଆଶା କରାଯାଇ ପାରିଥାନ୍ତା ?

ଆରାମଦାୟକ ଓ ଅଶ୍ୱାସନା ଭରା

ଭାଇଗ ଜଣାଇଲା ଯେ ସେ ଚୌକିଦାର ସାଙ୍ଗରେ କଥା ହୋଇ ଏଠାରେ ରହିବାର ସବୁ ବନ୍ଦୋବସ୍ତ କରିସାରିଛି । ଗାଧୁଆ ଘର କଳରେ ଗରମ ପାଣି ବ୍ୟବସ୍ଥା ଅଛି, ଥାକରେ

Digitized by srujanika@gmail.com

ସଫା ଟାୱେଲ ଏବଂ ଟଏଲେଟ ରୋଲ ଅଛି। ତେବେ ଏ ପର୍ଯ୍ୟନ୍ତ ନୂଆ ଖଟ, ଶେଯ ଓ ଚାଦର ନ ଆସିଥିବାରୁ ଆଜି ରାତି ତାକୁ ତଳେ ସପ ପକାଇ ଶୋଇବାକୁ ହେବ। ରାତିର ଖାଇବା ପାଇଁ ଚୌକିଦାର ଚୁଲିରେ ଭାତ ଓ କୁକୁଡ଼ା ତରକାରୀ ବସାଇ ସାରିଲାଣି। ଏ କଥା ଶୁଣି ଜିଷ୍ଣୁର ମନ ଖୁସି ଏବଂ କୃତଜ୍ଞତାରେ ଭରିଗଲା।

ମନ ଖୁସି ଏବଂ କୃତଜ୍ଞତା

ସେ ଯାଇ ବିଜୁଳୀବତୀ ସବୁ ଜଳୁଛି କି ନାହିଁ ପରଖିଲା। ଝରକା କବାଟ ଠିକରେ ବନ୍ଦ ହେଉଥିଲା। ଗିଜର୍‌ରୁ ଗରମ ପାଣି ଆସୁଥିଲା। ତଳେ ଯେଉଁ ସପ ଥିଲା, ତା ଉପରେ ସଫା ଚାଦର ଓ ତକିଆ ବିଛା ହୋଇଥିଲା। ଜିଷ୍ଣୁ ଗାଧୁଆଘରେ ଯାଇ ଗାଧୋଇ ପାଧୋଇ ଆସିବା ବେଳକୁ ବାରଣ୍ଡାରେ ଭାଇଗ ଓ ଚୌକିଦାର ବସି କଥାବାର୍ତ୍ତା ହେଉଥିଲେ।

ଅଳ୍ପ ସମୟ ଭିତରେ ଥାଳିରେ ତା ପାଇଁ ଖାଇବା ଆସିଗଲା ଓ ଜିଷ୍ଣୁ ତାକୁ ମନ ଭରି ଖାଇଲା। ଏତେବେଳକୁ ତାକୁ

Digitized by srujanika@gmail.com

ନିଦ ଆସିଲା ଏବଂ ସେ ଭାଇଗକୁ କିଛି
କହିବା ଆଗରୁ ଭାଇଗ ତାକୁ କହିଲା,
ରାତିରେ ଭଲରେ ଶୋଇଯାଅ। କାଲି
ସକାଳେ ଆମେ ପୁଣି ବାହାରିବା।

Digitized by srujanika@gmail.com

౪

Digitized by srujanika@gmail.com

Digitized by srujanika@gmail.com

ଅଧା ରାସ୍ତାରେ ଉଡ଼ନ୍ତା ଓଲନ୍ଦାଜ

ମୁଁ ଏ ଲେଖାଟି ଆରମ୍ଭ କରିଥିଲି ଛବିଶ ବର୍ଷ ତଳେ। ଏହି ପରିକଳ୍ପିତ ବହିର ପ୍ରଥମ ପରିଚ୍ଛେଦ 'ଶୁକ ପକ୍ଷୀ ପ୍ରଶ୍ନ' ଲେଖିଥିଲି ଜୁଲାଇ ୧୯୯୬ ରେ ଦିଲ୍ଲୀରେ ଏବଂ ତାହା 'କଥା' ପତ୍ରିକାରେ ପ୍ରକାଶିତ ହୋଇଥିଲା।

କାମର ଅବ୍ୟବସ୍ଥିତ ସ୍ୱରୂପ

ତା ପରେ ବିଭିନ୍ନ ସମୟରେ – ୧୯୯୭, ୨୦୦୩, ୨୦୦୪, ୨୦୦୬ ମସିହାରେ କିଛି କିଛି ଧାଡ଼ି ଲେଖି ଶେଷ ପୃଷ୍ଠାମାନ (ଡାକବଙ୍ଗଳାରେ ରାତି) ଲେଖିଥିଲି ୨୦୧୨ରେ। ଏଥିରୁ ଜାଣିହେବ ଲେଖକ ହିସାବରେ ମୋର କାମର ଅବ୍ୟବସ୍ଥିତ ସ୍ୱରୂପ।

Digitized by srujanika@gmail.com

ଆରମ୍ଭ ଓ ଶେଷର ସଂଗତି

ଜୀବନର (ଓ ଏ ବହିର) ଶେଷ ଭାଗରେ ଅଧାକାମକୁ ସବୁ ଶେଷ କରିବାର ଅସମ୍ଭବ ଇଚ୍ଛାରେ ଏହି ପାଣ୍ଡୁଲିପିକୁ ବାହାର କଲି, ଯଦିଓ ଏ କଥା ଜଣା ଯେ ମଣିଷର ଗୋଟିଏ ଜୀବନକାଳରେ ସବୁ ଜିନିଷକୁ ତାର ସ୍ୱଚ୍ଛନ୍ଦ ପରିସ୍ଥିତିକୁ ନେଇଯିବା ସମ୍ଭବ ନୁହେଁ।

ତଥାପି ମଣିଷ ଚେଷ୍ଟାକରେ। ଏହି କିଛି ପରବର୍ତ୍ତୀ ପୃଷ୍ଠା ତାର ଉଦାହରଣ। ଆରମ୍ଭ ଓ ଶେଷ ମଧ୍ୟରେ ଯଦି କିଛି ସଂଗତି ଥାଏ ତା ସମ୍ପୂର୍ଣ୍ଣ ଆକସ୍ମିକ।

ଏ ବହିର ଆଧେୟରୁ କୌଣସି ଯୌକ୍ତିକତା ବାହାର କରିବା ବିଦଗ୍ଧ ପାଠକମାନଙ୍କ ଉପରେ ନିର୍ଭର।

Digitized by srujanika@gmail.com

౨

Digitized by srujanika@gmail.com

Digitized by srujanika@gmail.com

ଗହମ ନିଦର ସକାଳ

ଡାକବଙ୍ଗଳା ବାରଣ୍ଡାରେ ଆରାମ ଚଉକି ଉପରେ ଅତ୍ୟନ୍ତ ଅସ୍ୱସ୍ତିକର ଭାବେ ବସିଥିଲା ଜିଷ୍ଣୁ। ତା ପାଦ ପାଖରେ କିନ୍ତୁ ଅତ୍ୟନ୍ତ ସ୍ୱଚ୍ଛନ୍ଦ ଭାବେ ଚକା ପକାଇ ବସିଥିଲା ଭାଇଗ। ଜେନ୍ ଦେଇଥିବା ନୋଟ୍‌ଟି ଖୋଲି ଜିଷ୍ଣୁ ତାକୁ ବୁଝାଇବାକୁ ଚେଷ୍ଟା କରୁଥିଲା ନବଗୁଞ୍ଜର କଥା।

ବାରବର୍ଷ ଅଜ୍ଞାତବାସ

ଦ୍ରୌପଦୀଙ୍କୁ ବାହାହେବା ଆଗରୁ ପଞ୍ଚପାଣ୍ଡବ ପ୍ରତିଜ୍ଞା କରିଥିଲେ ଯେ ଯଦି କେହି ଭାଇ ଦ୍ରୌପଦୀଙ୍କ ସହିତ ଶୋଇବା ଘରେ ଥିବେ, ଆଉ କେହି ସେ ଭିତରକୁ ଯିବେ ନାହିଁ। ଯଦି ଯାଆନ୍ତି, ତେବେ ତାର ଶାସ୍ତି ସ୍ୱରୂପ ତାଙ୍କୁ ବାରବର୍ଷ ଅଜ୍ଞାତବାସରେ ରହିବାକୁ

Digitized by srujanika@gmail.com

ହେବ। ଦିନେ ଯୁଧିଷ୍ଠିର ଭିତରେ ଥିବାବେଳେ ଅଗ୍ନିଦେବ ବ୍ରାହ୍ମଣ ଛଦ୍ମବେଶରେ ଆସି ଯୁଧିଷ୍ଠିରଙ୍କୁ ଦେଖା କରିବାକୁ ଚାହିଁଲେ। ଅର୍ଜୁନ ମନା କରିବାରୁ ଅଗ୍ନି ପୂରା ସହରକୁ ଭସ୍ମ କରିଦେବାର ଧମକ ଦେଲେ। ସଙ୍କୋଚର ସହିତ ଅର୍ଜୁନ ଭିତରକୁ ଗଲେ ଏବଂ ନିୟମ ଭଙ୍ଗ କରିଥିବାରୁ ସ୍ୱଇଚ୍ଛାରେ ବାରବର୍ଷ ବନବାସ କଲେ।

ଲୁଦୁବୁଦୁ ରୋଗ

ଅଗ୍ନିଦେବ ଏତେ ସବୁ ଛଳନା କଲେ କାରଣ ଯଜ୍ଞ ସମୟରେ ଅତିରିକ୍ତ ଘୃତ ପିଇଥିବାରୁ ତାଙ୍କୁ ଏକ ଦୁଃସାଧ୍ୟ ରୋଗ ହୋଇଥିଲା (ଭାଇଗ କହିଲା, ଲୁଦୁବୁଦୁ ରୋଗ) ଏବଂ ସେ ଚାହୁଁଥିଲେ ଅର୍ଜୁନ ପର୍ବତକୁ ଯାଇ (ଭାଇଗ କହିଲା, ମଣିଭଦ୍ର ପର୍ବତ) ଗଛପତ୍ରରୁ ମହୌଷଧି ଆଣିଦେବେ। ଏହି ସମୟରେ ଭଗବାନ ବିଷ୍ଣୁ ଆସି ଭାଇମାନଙ୍କୁ ଅର୍ଜୁନଙ୍କ ଅଜ୍ଞାତବାସ କଥା କହିଲେ ଏବଂ ନିଜେ ଅରଣ୍ୟକୁ ଗଲେ ଏକ ଅଦ୍‌ଭୁତ ରୂପ ନେଇ: କୁକ୍କୁଟର ମୁଣ୍ଡ, ବୃଷଭର ଚୂଳ,

Digitized by srujanika@gmail.com

ମୟୂରର କଣ୍ଠ, ସାପର ଲାଞ୍ଜ, ସିଂହ
କଟୀ, ତିନିଟି ପାଦ ବ୍ୟାଘ୍ର, ଅଶ୍ୱ ଓ
ହସ୍ତୀର, ଚତୁର୍ଥ ପାଦଟି ପଦ୍ମଫୁଲ
ଧରିଥିବା ମଣିଷର ହାତ !

ବିଚିତ୍ର ମୂରତି ଏ

ଭାଇଗ ଗାଇଲା -

ବିଚିତ୍ର ମୂରତି ଏ ଧରିଲେ ଚକ୍ରଧର
କି ଅବା କହିବା ସେହି ରୂପ ପଟାନ୍ତର ।
ଛାମୁରେ ନୃତ୍ୟ କରି ଡିଅନ୍ତି ନାରାୟଣ ॥
ଶୁଖିଲା ପତ୍ରଙ୍କର ଉପରେ ନାଚନ୍ତି କୁଦନ୍ତି
ଖର ଖର ଶବଦେ ସେ ପତ୍ରେ ପତ୍ରେ ବାଜନ୍ତି ॥
ଯତନେ ଡିଅନ୍ତି କମଳାର ସାଇଁ
ଶୁଖିଲା ଲତା ଭିତରେ ପଶନ୍ତି ଦେବ ଯାଇଁ ॥
ପୁଣି ନୃତ୍ୟ କରନ୍ତି, ମାରନ୍ତି ଆଡ଼ଚିରା
ହଲାବନ୍ତି ଶ୍ରୀମୁଖ ଝଲକନ୍ତି ଚନ୍ଦ୍ରତାରା ॥
ଡିଅନ୍ତି ଉକୁସନ୍ତି ଭୂମିରେଣ ଲୋଟନ୍ତି
ଚଉଷଠି ତାଳ ଯେହ୍ନେ ନୃତ୍ୟ ରଙ୍ଗେ ଦିଅନ୍ତି ॥

ଏହି ସମୟରେ ଡାକବଙ୍ଗଳା
ଭିତରେ ଗୋଟିଏ ଟ୍ରକ ଆସି ପହଞ୍ଚିଲା
ଏବଂ ତା ଭିତରୁ ଟେବୁଲ ଚଉକି ଖଟ

Digitized by srujanika@gmail.com

ବାହାର କରି ତାକୁ ଲୋକେ ଧରାଧରି କରି ଜିଷ୍ଣୁର ଘର ଭିତରେ ନେଇ ରଖିଲେ। ଏତେବେଳେ ଜିଷ୍ଣୁକୁ ମନେ ପଡ଼ିଲା କେବେ କେଉଁଠି ପଢ଼ିଥିବା ଏ ଗୀତଟି:

ଜିଷ୍ଣୁର ଅର୍ଥ ଅର୍ଜୁନ

ମୁଣ୍ଡଟି କୁକୁଡ଼ା ଭଳି ବେକଟି ମୟୂର,
ସିଂହ କଟୀ ସାପ ଲାଞ୍ଜ ବୃଷଭର ଚୂଳ।
ତିନିଗୋଟି ଗୋଡ଼ ଘୋଡ଼ା ହାତୀ ଓ ବାଘର,
ଆହୁରି ଗୋଟିଏ ଗୋଡ଼ ହାତ ମଣିଷର।
ଏଭଳି ଗୋଟିଏ ଜୀବ ଦେଖିଛ କି ଅଛି କେଉଁଠାରେ,
ମୁଁ ତ କେବେ ଦେଖିନାହିଁ ଚିତ୍ରକାର କଳ୍ପନା ବାହାରେ।

ଭାଇଗ ଉଠି ଠିଆହେଲା ଓ କହିଲା, ଆପଣ ଶୀଘ୍ର ବାହାରନ୍ତୁ, ଜନ୍ତୁକୁ ଖୋଜିବାକୁ ଯିବା। ଟିକିଏ ବାହାରକୁ ଯାଇ ଫେରି ଆସି କହିଲା, ଆପଣ ଜାଣି ନଥିବେ, ଜିଷ୍ଣୁର ଗୋଟିଏ ଅର୍ଥ ହେଉଛି ଅର୍ଜୁନ !

Digitized by srujanika@gmail.com

౭

Digitized by srujanika@gmail.com

Digitized by srujanika@gmail.com

ପଢା ଟେବୁଲ ଉପରେ ଗାଁ

ଘର ଭିତରେ ନୂଆ ଟେବୁଲ ପାଖରେ
ବସି ପିଲାଦିନ କଥା ମନେ ପକାଇବାକୁ
ଚେଷ୍ଟା କଲା ଜିଷ୍ଣୁ। ଭାବିଲା ଟିପା
ଖାତାରେ ଲେଖି ରଖିବ ତାର ହିସାବ।
ଯଥା:

ବୁଦା ବୁଦାଗଛ ଗଛ

ବୁଦା - ବେଗୁନିଆ ବୁଦା, ଆତେଣ୍ଟି
ବୁଦା, କରଡ଼ା ବୁଦା, ବାହାଲବେଲି
ବୁଦା, କୁରେଇ ବୁଦା, ତୁଳସୀ ବଣ

ବୁଦା ଗଛ - ଅପାମାରଙ୍ଗ, କଳା ତୁଳସୀ,
ଗୟସ, ଚରେଇତା, କଳା ବିଛୁଆତି

ଗଛ - ବର, ଓସ୍ତ, ନିମ୍ବ, ନାଗେଶ୍ୱର,
ଅଁଳା, ବରୁଣ, ସାହାଡ଼ା, କାଗଜି ଲେମ୍ବୁ

Digitized by srujanika@gmail.com

ଚଢେଇ ଓ ଜନ୍ତୁ – ବାଇଚଢେଇ, ପେଚା, କଳା କୁକୁଡ଼ା, ମେଣ୍ଢା, ପୋଢ, ଝିଙ୍କ

ଅଧରାତିର ଶବ୍ଦ – କାଚ ଝମ ଝମ, ସୁଁ ସୁଁ, ଝାଞ୍ଜ, ମୃଦଙ୍ଗ, ବିଳି ବିଳେଇବା

ଡାହାଣୀ, ଚିରଗୁଣି, କୋକମିନା

ବାବାଜି – ଜଟାଜୁଟ, ଭସ୍ମ, ଗେରୁଆ, ସିନ୍ଦୂର, ଖପୁରି, ଅରୁଆ ଚାଉଳ, ସିଦ୍ଧ ସୋରିଷ, ମଣିଷ ଅସ୍ଥି, ଡେଉଁରିଆ, ଝୁଣା ଗୋଗୁଳ, ଲଣ୍ଡା ବରଗଛ, ପିତଳ ଗରା, କାଉଁରୀ ହାଡ଼, ମନ୍ଦାର, ଧୂପଦାନି, ଝିଙ୍କ ପର କାଠି, ଉଇହୁଙ୍କା

ଦୁଷ୍ଟ ଆତ୍ମା – ଡାହାଣୀ, ଚିରଗୁଣି, କୋକମିନା, କକବାୟା, ପିଶାଚିନୀ, କୁଣ୍ଡା ଭୁଷୁଣ୍ଡି, କୋକୁଆ, ଧୁସରଧୂମା

ଏମିତି ଲେଖୁ ଲେଖୁ ଜାଣେନା କେତେବେଳେ ସେ ଟେବୁଲ ଉପରେ ମୁଣ୍ଡ ରଖି ଶୋଇ ଯାଇଥିଲା। ଚୌକିଦାରର ଡାକରେ ନିଦ ଭାଙ୍ଗିଲା ବେଳକୁ ସମୟ ଦେଖିଲା ଗୋଟାଏ। ଚୌକିଦାର ଖାଇବାକୁ ଆଣିଦବ କହିଲା।

Digitized by srujanika@gmail.com

ପଚାରିବାରେ ଜଣାଗଲା ଯେ ଭାଗ୍ୟଧର କୁଆଡ଼େ ବାହାରକୁ ଯାଇଛନ୍ତି ।

ଡାକବଙ୍ଗଳାର ଧରାବନ୍ଧା ଖାଇବା

ଡାକବଙ୍ଗଳାର ଧରାବନ୍ଧା ଭାତ ଓ କୁକୁଡ଼ା ତରକାରୀ ଖାଇସାରିବା ମାତ୍ରେ ପୁଣି ଆଖିକୁ ନିଦ ମାଡ଼ିଆସିଲା । କୁଆଡ଼େ ଥିଲା ଏତେ ନିଦ ?

ନିଦ ଭାଙ୍ଗିଲା ବେଳକୁ ବାହାରେ ଛମ ଛମ ଖରା । ଚଉକିକୁ ଟାଣି ଖରା ଉପରକୁ ନେଇ ଆଖି ବନ୍ଦ କରି ଭାଇଗ କଥା ଭାବିଲା ଜିଷ୍ଣୁ । କୁଆଡ଼େ ଗଲା ତାର ହର୍ତ୍ତାକର୍ତ୍ତା ବିଧାତା ? 'ମିଳିଗଲା' ବୋଲି ପାଟି ଶୁଣି ଆଖି ଖୋଲିଲା ବେଳକୁ ତା ଆଗରେ ଠିଆ ହୋଇଥିଲା ଭାଇଗ । ତା ହାତରେ ପୁରୁଣା ଖବରକାଗଜରେ ଗୁଡ଼ା ହୋଇଥିବା ପୁଟୁଳା ଥିଲା । ସେଇଟିକୁ ଜିଷ୍ଣୁ ହାତକୁ ବଢାଇ ଦେଇ ଭାଇଗ କହିଲା, ନିଅ ତମର ଜନ୍ତୁ ।

ଖୋଲି ଜିଷ୍ଣୁ ଦେଖିଲା ତା ଭିତରେ ଥିଲା ତାଳପତ୍ର ପୋଥି, ଯାହା ପାଇଁ ଆରମ୍ଭ ହୋଇଥିଲା ତାର ଏ ଅସମ୍ଭବ ଯାତ୍ରା । ଚନ୍ଦନ ସିନ୍ଦୁର ବୋଳା ପୋଥିର

Digitized by srujanika@gmail.com

ପଟାକୁ ଦେଖି ସାମାନ୍ୟ ଭୟ ହେଲା ଜିଷ୍ଣୁର, କାରଣ କିଛି ସମୟ ଆଗରୁ ସେ ବାବାଜି ଓ ଦୁଷ୍ଟ ଆତ୍ମା କଥା ଭାବୁଥିଲା । ଅତି ସନ୍ତର୍ପଣରେ ସହିତ ସେ ପୋଥିର ସୂତା ଖୋଲିଲା ।

ବକ୍ର କୁକ୍କୁଟ ସନ୍ନିଭମ

ପଟା ତଳେ ପୋଥିର ପ୍ରଥମ ପୃଷ୍ଠାରେ ଲେଖା ଥିଲା, ନବଗୁଞ୍ଜର ଧ୍ୟାନମନ୍ତ୍ର:

ବକ୍ର କୁକ୍କୁଟ ସନ୍ନିଭମ ଗଳମୂଳଂ ମାୟୁରକଂ ବାର୍ଷଭଂ
ସ୍କନ୍ଧ ପୁଚ୍ଛ ମଥୌରଙ୍ଗ ନରହୟ ବ୍ୟାଘ୍ରେନ ପାଦ ନିହ୍ନତ ॥

ଆଉ କିଛି ଧାଡ଼ି ପଢିବାର କଷ୍ଟ କରିବାରୁ ନିଜକୁ ନିବୃତ୍ତ କଲା ଜିଷ୍ଣୁ । ଭାଇଗଙ୍କୁ କିଭଳି ଧନ୍ୟବାଦ ଦେବ ସେ ବୁଝିପାରୁ ନଥିଲା । କାମଟି ଯେ ଏତେ ସହଜସାଧ୍ୟ ଥିଲା ସେ ବିଶ୍ୱାସ କରିପାରୁ ନ ଥିଲା । ତା ଆଗରେ ସତେ ଯେପରି ବିଷ୍ଣୁ ଛିଡ଼ା ହୋଇଥିଲେ ଭାଇଗର ରୂପ ନେଇ । ଆଖି ବନ୍ଦ କରି ଭାଇଗଙ୍କୁ ନବଗୁଞ୍ଜରର ରୂପ ଦେବାକୁ ଚେଷ୍ଟା କଲା ଜିଷ୍ଣୁ ।

Digitized by srujanika@gmail.com

ଭାଇଗର ପ୍ରତିକ୍ରିୟା କିନ୍ତୁ ନିତ୍ୟାନ୍ତ
ନୀରସ ଓ ବ୍ୟାବହାରିକ ଥିଲା – ଆମ
କାମ ସଇଲା। କାଲି ସକାଳ ଆଠଟା
ରେ ବସ୍।

ନୀରସ ଓ ବ୍ୟାବହାରିକ

Digitized by srujanika@gmail.com



Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ଶୁକ ପକ୍ଷୀ ଉତ୍ତର

ସେଇ ପୁରୁଣା ଦୃଶ୍ୟ

ହୋଟେଲରୁ ସୁଟ୍‌କେସ୍ ଆଣି, ତା ଭିତରେ ବୁଜୁଳାର ଜିନିଷକୁ ରଖି, ପୋଥିକୁ ତିନିଥର ତଦାରଖ କରି ସେ ଟ୍ୟାକ୍‌ସି ନେଇ ଷ୍ଟେସନକୁ ଆସିଥିଲା। ତାକୁ ପୋଥିଟି ଦେବା ପରେ ଭାଇଗ ଅନ୍ତର୍ଦ୍ଧାନ ହୋଇଯାଇଥିଲା, ତେଣୁ ତାକୁ ଏକା ଆସି ଆଠଟା ସକାଳର ବସ୍ ଧରିବାକୁ ହୋଇଥିଲା। ବର୍ତ୍ତମାନ ଷ୍ଟେସନ ପ୍ଲାଟଫର୍ମରେ ତା ଆଖି ଆଗରେ ଥିଲା ସେଇ ପୁରୁଣା ଦୃଶ୍ୟ - ପଣ୍ଡିତ ଭାଗ୍ୟଧରଙ୍କ ଶୁଆ, ଲଫାପା, ଫଳକ ସମେତ ଶୀତଳପଟିର ପୃଥିବୀ ଏବଂ ପଣ୍ଡିତଙ୍କ ଆଗରେ ନିଜର ସୁଟ୍‌କେସ୍ ଉପରେ ବସିଥିବା ତା ଭଳି ଗୋଟିଏ ଲୋକ।

Digitized by srujanika@gmail.com

ଜିଷ୍ଣୁ ନିଜର ସୁଟ୍‌କେସ୍ ଖୋଲି ତା ଭିତରେ ନବଗୁଞ୍ଜର ନିରାପଦ ଥିବାର ଦେଖିଲା ଓ ସ୍ୱସ୍ତିର ନିଶ୍ୱାସ ନେଲା।

ନବଗୁଞ୍ଜର ନିରାପଦ

ଭାଗ୍ୟଧରଙ୍କ ପୃଥିବୀ ଚଳଚଞ୍ଚଳ ଥିଲା, ଶୁଆ ମାଳମାଳ ଲଫାପା ଭିତରୁ କାହାର ଭାଗ୍ୟଫଳ ଖୋଳୁଥିଲା ଓ ଆଗ୍ରହୀ ଲୋକଟି ଅଣନିଶ୍ୱାସୀ ହୋଇ ନିଜର ପ୍ରଶ୍ନର ଉତ୍ତର ଖୋଜୁଥିଲା।

ଜିଷ୍ଣୁ ପାଖରେ କିନ୍ତୁ ଆଉ କୌଣସି ପ୍ରଶ୍ନ ନଥିଲା, ଉତ୍ତର ବନ୍ଦ ନଥିଲା ମୁଦା ଲଫାପାରେ। ସମ୍ପୂର୍ଣ୍ଣ ପରିବେଶଟି ହିଁ ଥିଲା ତାର ସବୁ ପ୍ରଶ୍ନର ସନ୍ତୋଷଜନକ ଉତ୍ତର।

Digitized by srujanika@gmail.com

౨

Digitized by srujanika@gmail.com

Digitized by srujanika@gmail.com

ପାଠକେ, ବିଦାୟ

ଏଥରକ କେବଳ ଆମେରିକା କଥା ମନେପଡୁଛି କିଷ୍ଟୁର। ଗାଁରେ ଥିବା ବେଳେ ଯେପରି ସେ ଆମେରିକା କଥା ଭୁଲି ଯାଇଥିଲା, ଏବେ ଘର ଆଉ ଗାଁ କଥା ମନେ ନାହିଁ। ଏବେ କେବଳ ମନେ ପଡୁଛି ଜେନ୍ ଓ ଆମେରିକା।

ଇଚ୍ଛା ହେଉଛି କିପରି ଜେନ୍ ସହିତ ସମ୍ପର୍କକୁ ସ୍ଥାୟୀ କରିବ ସେ। ମନେ ପଡୁଛି ଶାର୍ଲଟ ବ୍ରଣ୍ଟିଙ୍କ 'ଜେନ୍ ଏୟର' ବହି ଶେଷ ପରିଚ୍ଛେଦର ପ୍ରଥମ ବାକ୍ୟ: ଜେନ୍ କହୁଛି, "ପାଠକେ, ମୁଁ ତାଙ୍କୁ ବାହା ହେଲି"।

ଜେନ ଓ ଆମେରିକା

ଭୁବନେଶ୍ୱର, ଡିସେମ୍ବର ୨୦୨୨

Digitized by srujanika@gmail.com

Digitized by srujanika@gmail.com

ଡଃ ଜଗନ୍ନାଥ ପ୍ରସାଦ ଦାସ (ଜନ୍ମ ୧୯୩୬) କବିତା, ଗଳ୍ପ, ଉପନ୍ୟାସ, ନାଟକ ଓ ପ୍ରବନ୍ଧ ପ୍ରଭୃତି ବିଭିନ୍ନ ବିଭାଗରେ କୃତବିଦ୍ୟ। କବିତା ପାଇଁ ସାହିତ୍ୟ ଅକାଦେମୀ ଓ ସରସ୍ୱତୀ ସମ୍ମାନ, ଗଳ୍ପ ପାଇଁ ସାରଳା ପୁରସ୍କାର ଓ ନାଟକ ପାଇଁ କଲିକତାର ନାନ୍ଦିକାର ସମ୍ମାନ। ଓଡ଼ିଶାର କଳା ବିଷୟରେ ଏକାଧିକ ପୁସ୍ତକର ରଚୟିତା।

Ketaki Foundation
Art • Literature • Culture

ketakifoundation
@KetakiTrust
ketakifoundation
www.ketakifoundation.org

Ketaki Foundation Trust is a not-for-profit organisation and the sales proceeds of this book will go towards philanthropic activities. For donations visit www.ketakifoundation.org.

ISBN 978-81-958050-7-5
₹120 $10

FSC

E-book available

Digitized by srujanika@gmail.com